### ବାରିପଦାରେ 'ରେସ୍ ଅଫ୍ ଦି ରୋଡ୍' ଶୁଭାରମ୍ଭ

# ଟ୍ରାକ୍ ବାଇକ୍ ରେସିଂରେ ଭାଗନେଲେ ୩୪ ପ୍ରତିଯୋଗୀ





**ବାରିପଦା, ୧୫ ।୨(ସମିସ)**

ଓଡ଼ିଶାର ସବୁଠୁ ବଡ଼ଧରଣ ରେସିଂ ପ୍ରତିଯୋଗିତା ରେସ୍ ଅଫ୍ ଦି ରୋଡ୍ ବାରିପଦାରେ ଶୁକ୍ରବାର ଶୁଭାରମ୍ଭ ହୋଇଛି। ରାଜବସା ପଡ଼ିଆରେ କଳିଙ୍ଗ ମୋଟର ସ୍ପୋର୍ଟସ କ୍ଲବ ପକ୍ଷରୁ ଗତ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଏହା ଅନୁଷ୍ଠିତ ହେବ ଶୁକ୍ରବାର ଉଦଘାଟନ ଦିବସରେ ପଞ୍ଜିକରଣ, ବାଇକ ଓ କାରଗୁଡିକର ଯାଞ୍ଚ କରାଯାଇଥିଲା। ଶନିବାର ବାଇକ ରେସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଉପସ୍ଥିତ ଏହି ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ। ପ୍ରଥମ ଦିବସରେ ୩୪ଜଣ ପ୍ରତିଯୋଗତୀ ଅଂଶଗ୍ରହଣ କରିଥିଲେ। ପଡ଼ିଆରେ ବାଇକର ମାନେ ରେସିଂ କରିଥିଲେ। ତିନି ମିନିଟ ବ୍ୟବଧାନରେ ବାଇକଗୁଡିକ ସାଢେ ୮କିମି ରେସିଂ ଟ୍ରାକରେ ଚାଳନ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ରବିବାର ଉଦଯାପନ ଦିବସରେ ପୂର୍ବ ଭାରତ ତଥା ଓଡ଼ିଶାରେ ପ୍ରଥମ ଥର ପାଇଁ କାର ରେସ ମଧ ଅନୁଷ୍ଠିତ ହେବ। ଟ୍ରାଫିକ କଟକଣା ପାଇଁ ରାସ୍ତାରେ ଦ୍ରୁତଗତିରେ ଗାଡି ଚଳାଇ ପାରୁ ନ ଥିବା ବେଳେ ଲୋକଙ୍କ ଉକ୍ତ ଅଭିଳାଷାକୁ ପୂରଣ କରିବା ପାଇଁ ଏହାର ଆୟୋଜନ କରାଯାଇଛି। ସୁନ୍ଦର ଭାବେ ରେସିଂ ଟ୍ରାକ ପ୍ରସ୍ତୁତି କରାଯାଇଥିବାରୁ ପ୍ରତିଯୋଗୀମାନେ ଉତ୍ତମ ପ୍ରଦର୍ଶନ କରିପାରିଥିଲେ। ରବିବାର କାର ସ୍ପୋର୍ଟିଂ ରେସ୍ ପାଇଁ ୩୦ ଜଣ ପ୍ରତିଯୋଗୀ ପଞ୍ଜିକରଣ କରିଛନ୍ତି। ତେବେ ଏହାର ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଇଛି। ବାଇକ ଓ କାର ରେସିଂରେ ଉଭୟ ବର୍ଗରୁ ୧୨ଟି ପର୍ଯ୍ୟାୟରେ ୩୬ ଜଣଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି। ବିଜେତାଙ୍କ ନାମ ଘୋଷଣା କରାଯାଇ ସେମାନଙ୍କୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯିବ ବୋଲି କଳିଙ୍ଗ ମୋଟର ସ୍ପୋର୍ଟିଂ କ୍ଲବ ପକ୍ଷରୁ କୁହାଯାଇଛି। କଳିଙ୍ଗ ମୋଟର ସ୍ପୋର୍ଟସ ଭାରତରେ ସର୍ବାଧିକ ୭ଟି ବନ୍ଧୁତାପୂର୍ଣ୍ଣ ମୋଟର ରାଲିର ପୂର୍ବରୁ ଆୟୋଜନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ନିମନ୍ତେ ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଇଛି।

**ଆଜି କାର୍ ରେସିଂ; ୩୫ ଜଣ ହେବେ ପୁରସ୍କୃତ**

## ବ୍ଲକ୍‌ସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ



**ବଡ଼ସାହି, ୧୫ ।୨(ସମିସ):** ବଡ଼ସାହି ବ୍ଲକ ବାଲିଯୋଡା ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୪ତମ ମାଧମିକ ବିଦ୍ୟାଳୟ ସମୂହର ପ୍ରଧାନଶିକ୍ଷକଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁଙ୍କ ପୌରୋହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡ଼ସାହି ବ୍ଲକ ଶିକ୍ଷା ଅଧିକାରୀ ମଧୁସ୍ମିତା ଗିରି ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଧିଆ ଚରଣ ମୁଣ୍ଡା ଅଧିବେଶନ ସମ୍ବନ୍ଧୀୟ ସୂଚନା ଦେଇଥିଲେ। ଶିକ୍ଷକ ଦୀପକ ରାମ ସ୍ୱାଗତ ଭାଷଣ ଓ ଶିକ୍ଷକ ପାର୍ଥସାରଥୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର ଉତ୍କର୍ଷ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ବିଗତ ଅଧିବେଶନର ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ରୋଜାଲିକା ଗିରି, ରେଖା ରାଣୀ ମହାକୁଡ଼, ଅଲିଭାଜ୍ୟୋତି ମହାପାତ୍ର, ତପସ୍ୱିନୀ ସାହୁ, ଇନ୍ଦୁଲତା ପତି, ଅଫିସ ସହାୟକ ପଦ୍ମାବତୀ ପ୍ରମୁଖ କାର୍ଯ୍ରକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ସେୱାସ୍ତମ୍ଭ' ପ୍ରତିଷ୍ଠାତାଙ୍କ ଜୟନ୍ତୀ ପାଳିତ



**ରାଇରଙ୍ଗପୁର, ୧୫ ।୨(ସମିସ):** ଅଖିଳ ଭାରତୀୟ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ କର୍ମଚାରୀ କଲ୍ୟାଣ ମହାସଂଘ, ସେବାସ୍ତମ୍ଭ ମୟୁରଭଞ୍ଜ ଜିଲ୍ଲା ଶାଖା ରାଇରଙ୍ଗପୁର ତରଫରୁ ପ୍ରତିଷ୍ଠାତା ଡାମୋଦରମ ସଞ୍ଜିଭାୟାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସର୍ବପ୍ରଥମେ ଡି. ସଞ୍ଜିଭାୟାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରି ଏକମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେବାସ୍ତମ୍ଭ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିଜୟ କୁମାର ରାମ, ରାଷ୍ଟ୍ରୀୟ ସମ୍ପାଦକ ମୋଚିରାମ ମାଝୀ, ସଭାପତି ପ୍ରତାପ ଚନ୍ଦ୍ର ହେମ୍ବ୍ରମ, ସାଧାରଣ ସମ୍ପାଦକ ବାଜଲ ମୁର୍ମୁ, ବରିଷ୍ଠ ଉପସଭାପତି ରବୀନ୍ଦ୍ର କୁମାର ମୁଖୀ, ଉପସଭାପତି ମୋତ୍ତାର ହୁସେନ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଉପସଭାପତି ଗୋପାଳକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଈଶ୍ୱରଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ସାରସକଣା, ୧୫।୨(ସମିସ):** ସାରସକଣା ବ୍ଲକ ଈଶ୍ୱରଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟ ଖେର୍ଣ୍ଣାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗଣିତ ବିଭାଗରେ କୁଇଜ୍, କୌତୁହଳ ଗଣିତ, ମୋଡେଲ ପ୍ରସ୍ତୁତି କାର୍ଯ୍ୟକ୍ରମ ହୋଇଥିଲାବେଳେ ବିଜ୍ଞାନ ବିଭାଗର କୁଇଜ୍, ତର୍କ, ପୋଷ୍ଟର ତିଆରି ଓ ପ୍ରୋଜେକ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସେହିପରି ଶକ୍ତି କ୍ଲବ୍ ଆନୁକୂଲ୍ୟରେ ସ୍ଲୋଗାନ, ପୋଷ୍ଟର ପ୍ରସ୍ତୁତି, କୁଇଜ୍, ଆଦ୍ରଭୂମି ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶିକ୍ଷୟିତ୍ରୀ ନୀଳିମା ସାହୁ, ସ୍ନେହଲତା ନାଏକ, ସ୍ୱାତୀପ୍ରଜ୍ଞା ଘରାଇ, ଚନ୍ଦନୀ ମହାନ୍ତ, ମମତା ପରମାଣିକ, ମିତାଲି ମଧୁସ୍ମିତା ସିଂ, ଶିକ୍ଷକ ଶ୍ରୀକାନ୍ତ ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସି.ଆର.ସି.ସି. ମଧୁସ୍ମିତା ବାରିକ ପ୍ରକଳ୍ପ ବୁଲି ଦେଖିବା ସହ ପିଲାଙ୍କୁ ଉତ୍ସାହିତ କରିଥଲେ।

## ହେମପୁର ହାଇସ୍କୁଲ ଇକୋ କ୍ଲବ୍‌ର ବାର୍ଷିକ ସମ୍ମିଳନୀ



**ବୈଶିଙ୍ଗା, ୧୫ ।୨(ସମିସ):** ହେମପୁର କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ପୌରୋହିତ୍ୟରେ 'ୟୁଥ ଏବଂ ଇକୋ କ୍ଲବର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କ୍ଲବ ଇନଚାର୍ଜ ରାଜନନ୍ଦିନୀ ପାତ୍ର ଅତିଥି ପରିଚୟ ଦେଇଥିଲେ। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘ ର ସଭାପତି ଅରୁଣ କୁମାର ଓତା ଓ ମୁଖ୍ୟବକ୍ତା ରୂପେ ଶିକ୍ଷାବିତ ସଞ୍ଜୀୟ କୁମାର ମିଶ୍ର ଯୋଗଦେଇ ଶିମିଳିପାଳର ସୁରକ୍ଷାଠାରୁ ଆରମ୍ଭ କରି ସୁସ୍ଥ ସମାଜ ଗଠନ ପାଇଁ ଅନ୍ଧବିଶ୍ୱାସ ପରିହାର ପୂର୍ବକ ଏକ ବିଜ୍ଞାନସମ୍ମତ ବିଚାରଧାରାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ଦଶମ ଶ୍ରେଣୀର ପିଲାମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶିକ୍ଷୟିତ୍ରୀ ଜୟଶ୍ରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା

**ରାଇରଙ୍ଗପୁର, ୧୫ ।୨(ସମିସ):** ରାଇରଙ୍ଗପୁର ବ୍ଲକ ପରିସରରେ ଶୁକ୍ରବାର ନିଯୁକ୍ତି ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉନ୍ନୟନ ଅଧିକାରୀ ଏନ.ପି. ପଣ୍ଡା, ଜିଲ୍ଲା ଜୁନିୟର ନିଯୁକ୍ତି ଅଫିସର ବିଭୂତି ଭୂଷଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ପ୍ରମୁଖ ୮ଟି କମ୍ପାନୀ ଯୋଗ ଦେଇଥିଲେ। ହେଲେ ପ୍ରଶାସନ ପକ୍ଷରୁ ନିଯୁକ୍ତି ମେଳା ଆୟୋଜନ ସମ୍ପର୍କରେ ପୂର୍ବରୁ ସୂଚନା ଦିଆଯାଇ ନ ଥିବାରୁ ବହୁ ବେକାର ଯୁବକ ଯୁବତୀ ସୁଯୋଗ ନେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ତେଣୁ ଅଳ୍ପ ସଂଖ୍ୟାରେ ଯୁବକ ଯୁବତୀ ପଞ୍ଜୀକରଣ କରିଛନ୍ତି ବୋଲି ସୂଚନା ମିଳିଛି।

## କେଶାମ ଗାଁରେ 'ମାଗେ ପର୍ବ' ପାଳିତ



**ବିଶୋଇ, ୧୫।୨ (ସମିସ):** ବିଶୋଇ ବ୍ଲକ ଅନ୍ତର୍ଗତ କେଶାମ ଗ୍ରାମରେ ମାଘ ପୂର୍ଣ୍ଣିମା (ମାଗେ ପନାଇଁ)ରେ ଆଦିବାସୀ ହୋ ସମାଜର ମୁଖ୍ୟ ପର୍ବ ମାଗେ ପର୍ବ ଆନନ୍ଦ ଉଲ୍ଲାସର ସହିତ ପାଳନ ହୋଇଛି। ମାଗେ ପର୍ବର ପୂଜା ସ୍ଥଳରୁ ପାରମ୍ପରିକ ଦାମା-ଦୁମାଂର ତାଳେ ତାଳେ ପାରମ୍ପରିକ ପୋଷାକ ପରିଧାନ କରି ଗ୍ରାମବାସୀ ନାଚଗୀତ କରି ହାତୁ ଦିଉରୀଙ୍କୁ ସ୍ୱାଗତ କରିଥିଲେ।

ମାଗେ ପର୍ବ ହେଉଛି କୃଷିଭିତ୍ତିକ ପର୍ବ। ତେଣୁ ଧାନ ଚାଷ ସମ୍ପନ୍ନ ହେବା ପରେ ପ୍ରତ୍ୟେକ ବର୍ଷ ଏହି ସମୟରେ ଏହା ପର୍ବ ପାଳନ କରାଯାଏ। ପ୍ରାକୃତିକ ବିପର୍ଯ୍ୟୟ ଓ ରୋଗ ଦାଉରୁ ରକ୍ଷା ପାଇବାପାଇଁ ସିଂବଙ୍ଗା, ଗ୍ରାମ ଦେଶାଉଲି, ପାଉଇଁ, ଗୋଓାଁ ବଙ୍ଗା, ନାଗେ, ବିନ୍ଦୀ ଆଦି ଦେବାଦେବୀଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ମାଗେ ପର୍ବ ଉପଲକ୍ଷେ କେଶାମର ନୃତ୍ୟ ଆକଳାରେ ଦୁଇରାତି ଧରି ପାରମ୍ପରିକ ନାଚଗୀତ ହୋଇଥିଲା। ମାଗେ ପର୍ବରେ ଉତ୍ତମ ନୃତ୍ୟ ପରିବେଷଣ କରୁଥିବା ଯୁବକଯୁବତୀଙ୍କୁ ଗ୍ରାମର ବାସିନ୍ଦା ସୁନୀଲ ଜାମୁଦା ପୁରସ୍କୃତ କରିଥିଲେ।

## କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**କରଞ୍ଜିଆ, ୧୫।୨(ସମିସ):** ଜିଲ୍ଲାର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସାଂସଦ ଅନନ୍ତ ଚରଣ ନାୟକ, ମୁଖ୍ୟବକ୍ତା ଭାବେ ଲାଇଟ ଇନ ଯୋଗର ନିର୍ଦ୍ଦେଶକ ବସନ୍ତ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଦୈତ୍ୟାରୀ ନାୟକ ମଞ୍ଚାସୀନ ଥିଲେ। କାଳନ୍ଦୀ ପ୍ରଧାନ ଅତିଥିଙ୍କ ପରିଚୟ ଓ ଅଧ। ଶ୍ରୀ ମହାନ୍ତ ସ୍ୱାଗତ ଅଭିଭାଷଣ ଦେଇଥିଲେ। ମନୋଜ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ମାଲିକ କହିଥିଲେ ଯେ, ବିଶ୍ୱକୁ ଭାରତର ଶ୍ରେଷ୍ଠ ଅବଦାନ ହେଉଛି ଗୁରୁକୁଳ ବ୍ୟବସ୍ଥା। ନିରୋଗ, ସୁସ୍ଥ ରହିବାର ସର୍ବଶ୍ରେଷ୍ଠ ଦାନ ହେଉଛି ଯୋଗ। ଯୋଗ ଅନେକ କ୍ଷେତ୍ରରେ ମାନସିକ ସୁସ୍ଥ ରଖିଥାଏ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସନ୍ଦୀପ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ଆଇନ ସଚେତନତା କାର୍ଯ୍ୟକ୍ରମ

**ରାଇରଙ୍ଗପୁର, ୧୫ ।୨(ସମିସ):** ମହତାବ ଭବନଠାରେ ଗୁରୁବାର ଓଡ଼ିଶା ରାଜ୍ୟ ମହିଳା କମିଶନ ଏବଂ ମୟୂରଭଞ୍ଜ ଜିଲ୍ଲା ସାମାଜିକ କଲ୍ୟାଣ ବିଭାଗୀୟ ଅଫିସରଙ୍କ ମିଳିତ ସହଯୋଗରେ ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିରୂପେ ଗୋଷ୍ଠୀ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ, ସମ୍ମାନିତ ଅତିଥି ରୂପେ ରାଇରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏନପି ପଣ୍ଡା ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଅଧ୍ୟାପିକା ଡକ୍ଟର ତନ୍ମୟୀ, ବିକେ ରାମ ସଭାରେ ନାରୀମାନଙ୍କୁ ଲିଙ୍ଗ ବିଷୟରେ ବିଭିନ୍ନତା, ବାଲ୍ୟବିବାହ, ନାରୀ ନିର୍ଯାତନା, ଆଇନଗତ ଅଧିକାର ଉପରେ ସଚେତନ କରିଥିଲେ। ଶେଷରେ ସିଡିପିଓ କେ.ଏମ. ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ବିକଶିତ ଗାଁ ବିକଶିତ ଓଡ଼ିଶା' ପାଇଁ ଗ୍ରାମସଭା



**ଖୁଣ୍ଟିଂ, ୧୫।୨(ସମିସ):** ଶୁକୃଳି ବ୍ଲକ ଅର୍ଜୁନବିଲ୍ଲା ଗ୍ରାମ ପଞ୍ଚାୟତ ପରିସରରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାର ସଫଳ ରୂପାୟନ ନିମନ୍ତେ ସରପଞ୍ଚ ଲକ୍ଷ୍ମୀ ମୁଣ୍ଡାଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ୧୩ଟି ୱାର୍ଡର ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଉପସ୍ଥିତ ରହି ନିଜ ଗ୍ରାମ ପାଇଁ ଆବଶ୍ୟକ ଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ସମ୍ପର୍କରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବ୍ଲକ ପ୍ରୋଜେକ୍ଟ ସଂଯୋଜକ ମୋନିସ କୁମାର ପାତ୍ର, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଧୀରେନ୍ଦ୍ର କୁମାର ପାତ୍ର ପ୍ରମୁଖ ସଭା ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ଓ ନୂତନ ଶିକ୍ଷକଙ୍କ ସମ୍ବର୍ଦ୍ଧନା ଉତ୍ସବ



**ବଡ଼ଡାଲିମା, ୧୫।୨(ସମିସ):** ତିରିଙ୍ଗ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ରତନସାହି କମ୍ୟୁନିଟି ହଲରେ ଶୁକ୍ରବାର ବ୍ଲକର ସମସ୍ତ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ନୂତନ ଭାବେ ଯୋଗ ଦେଇଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସଘ ତରଫରୁ ବିଦାୟକାଳୀନ ଓ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଓ ଶୁଭେନ୍ଦୁ ତ୍ରିପାଠୀ, ଏବିଓ ହେମନ୍ତ ମହାନ୍ତି ଓ ବସନ୍ତ ମହାପାତ୍ର, ବିଶ୍ୱନାଥ ମହାନ୍ତ, ଡୋମାନ ମାରାଣ୍ଡି, ଏଡିଓ ଶଶିଧର ସିଂ, ବିଇଓ ଯୋଗେଶ୍ୱର୍ ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ହେଲେ ଅଶୋକ ଚକ୍ର ସାହୁ, ମନୋରଞ୍ଜନ ସିଂ, ମଙ୍ଗଳସିଂ ମୁର୍ମୁ, ସାଙ୍ଗ ଚରଣ ମାଝୀ, ପୂର୍ଣ୍ଣଚନ୍ଦ୍ର ବାରିକ, ଗଙ୍ଗାଧର ମହାନ୍ତ, ଅଭିରାମ ଧିର, ଡୁରାମ ଖୁଣ୍ଟିଆ, ବାସୁଦେବ ସିଂ, ଶାଉନା ଚରଣ ମାରାଣ୍ଡି, ଜୟନ୍ତୀ ମଞ୍ଜରୀ ସୋରେନ୍, ଯଦୁମଣି ଗିରି, ସହଦେବ ନାୟକ, ଖୁଣ୍ଟିଂ ସାଗର ମହାନ୍ତ, ବାସୁଦେବ ଗିରି, ଛୋଟରାୟ ଟୁଡୁ, ପ୍ରତାପ ଚନ୍ଦ୍ର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ୧୨ ଜଣ ନୂତନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସଂଘର ସଭାପତି ଡୋମାନ ମାରାଣ୍ଡି, ସମ୍ପାଦକ ଡମ୍ବରୁଧର ସାହୁ, କୋଷାଧ୍ୟକ୍ଷ ଭଗତ ଲାଲ ସାହୁ ଉପସ୍ଥିତ ଥିଲେ।

### ନାରାଣପୁରରେ ବିଦୁ ଚାନ୍ଦାନ ଓଲ ଇତୁନ ଆଶ୍ଲା ଉଦ୍‌ଘାଟିତ

# ସାନ୍ତାଳୀ ଅଲ୍‌ଚିକି ଲିପିରେ ହେବ ପାଠପଢ଼ା

**ରାଇରଙ୍ଗପୁର/ତିରିଂ, ୧୫ ।୨(ସମିସ)**



ତିରିଂ ବ୍ଲକ ନାରାଣପୁର ପଞ୍ଚାୟତ ନାରାଣପୁରଠାରେ ସାନ୍ତାଳୀ ସ୍କୁଲ ବିଦୁ ଚାନ୍ଦାନ ଓଲ ଇତୁନ ଆଶ୍ଲା ଉଦ୍‌ଘାଟିତ ହୋଇଯାଇଛି। ବୁଧବାର ସକାଳେ ଗ୍ରାମର ମାଝୀ ବାବା ଭାଜୁ ମାର୍ଣ୍ଡିଙ୍କ ଅଧ୍ୟକ୍ଷତାରେ ଗାଁର ପୁରୁଷ ଓ ମହିଳା ପାରମ୍ପରିକ ବସ୍ତ୍ର ପରିଧାନ କରି ଏକତ୍ରିତ ହୋଇଥିଲେ। ଏହା ପରେ ବିଦୁ ଚାନ୍ଦାନ ସହିତ ଅଲଚିକି ଲିପି ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବିଦୁ ଚାନ୍ଦାନ ଅଲ ଇତୁନ ଆଶ୍ଲା ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ରାଇରଙ୍ଗପୁର ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନ, ଆସେକାର ସାଧାରଣ ସମ୍ପାଦକ ଜିତେନ୍ଦ୍ର ହାଁସଦା ଯୋଗଦେଇ ଅନୁଷ୍ଠାନକୁ ଉଦଘାଟନ କରିଥିଲେ। ସେ କହିଥିଲେ ଯେ, ଅଲଚିକି ଲିପି ସମଗ୍ର ବିଶ୍ୱରେ ସାନ୍ତାଳୀମାନଙ୍କ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ତେଣୁ ସମସ୍ତ ସାନ୍ତାଳୀମାନଙ୍କୁ ଅଲଚିକି ଲିପିକୁ ଶିକ୍ଷାଲାଭ କରିବା ଆବଶ୍ୟକ ରହିଛି। ଏହି ଅନୁଷ୍ଠାନରେ ଅଲଚିକି ଲିପିରେ ପାଠପଢ଼ା ଆରମ୍ଭ କରିବା ପାଇଁ ନୂତନ ଭାବରେ ବିଦୁ ଚାନ୍ଦାନ ଓଲ ଇତୁନ ଆସ୍ଲା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଡାଳିମା ପିଡ଼ ପାରଗାନା ବାବା ଲକ୍ଷ୍ମଣ ମାର୍ଣ୍ଡି, ନାଏକେ ବାବା ବୁଢ଼ାନ ହାଁସଦା, ବିଦୁ ଚାନ୍ଦାନ ଓଲ ଇତୁନ ଅସ୍ଲା ଅଧ୍ୟକ୍ଷ ସୁରାଏ ହେମ୍ବ୍ରମ, ସମ୍ପାଦକ ରାମଚନ୍ଦ୍ର ହାଁସଦା, ପ୍ରଧାନ ଶିକ୍ଷକ ଯୋଗେଶ୍ୱର ବେହେରା, ସହକାରୀ ଶିକ୍ଷକ ଝାରିଆ ହାଁସଦା, ଶିକ୍ଷୟତ୍ରୀ ସିନଗୋ ହେମ୍ବ୍ରମ, ଅର୍ଜୁନ ବେଶ୍ରା, ମାଧବ ମାର୍ଣ୍ଡି, ସାବନ କୁମାର ମାର୍ଣ୍ଡି, ଅଭିମନ୍ୟୁ ସରଦାର, ରାତୁ କିସ୍କୁ, ବାସ୍ତା ସୋରେନ ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଅର୍ଜୁନ ବେଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

# ନନ୍ଦିନୀଦେବୀ ହାଇସ୍କୁଲରେ ବ୍ଲକସ୍ତରୀୟ ଶିଶୁ ମନ୍ତ୍ରୀମଣ୍ଡଳର ଅଭିମୁଖୀକରଣ



ରାମଚନ୍ଦ୍ରପୁର, ୧୫।୨(ସମିସ): ଆସ୍ପାୟାର୍ ପକ୍ଷରୁ ବ୍ଲକ ସଂଯୋଜକ ସୁଦର୍ଶନ ପ୍ରଧାନ, ଏମଆଇଏସ ମହେଶ ଜେନା ଏବଂ ଆଇସିଡିଏସ ସଂଯୋଜକ ସ୍ୱରୂପ କୁମାର ସାମଲଙ୍କ ସଂଯୋଜନାରେ କାନପୁର ନନ୍ଦିନୀଦେବୀ ହାଇସ୍କୁଲରେ ବ୍ଲକସ୍ତରୀୟ ଶିଶୁ ମନ୍ତ୍ରୀମଣ୍ଡଳ ଅଭିମୁଖୀକରଣ କାର୍ଯ୍ୟକ୍ରମ ହୋଇଥିଲା।। ବିଭିନ୍ନ ବିଦ୍ୟାଳୟରୁ ୧୨୫ ଜଣ ବିଭାଗୀୟ ଶିଶୁ ମନ୍ତ୍ରୀଙ୍କୁ ନେଇ ବିଧାନସଭା ଅଧିବେଶନରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ନିବେଦିତା ଜେନା ବାଚସ୍ପତି ଏବଂ ରୁଚିସ୍ମିତା ଗିରି ଉପବାଚସ୍ପତି ଚୟନ ହୋଇଥିଲେ। ଏଲଏଫ ରଞ୍ଜନ ସେଠୀ, ଦିଲ୍ଲୀପ ଜେନା ଏବଂ ରବୀନ୍ଦ୍ର ସେଠୀ ସହଯୋଗ କରିଥିଲେ। ଏକ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମ ହୋଇଥିଲା। ପରେ ବାଚସ୍ପତିଙ୍କ ନିଷ୍ପତିକ୍ରମେ ସନ୍ତୋଷ ମଲିକ ଶିଶୁଶ୍ରମିକ ସଚେତନତାର ଏକ ଗୀତ ପରିବେଷଣ କରିଥିଲେ। ସିଏଫ୍ ଗୌତମ ଓଝା, ଦୀପକ ସାହୁ, ଜ୍ୟୋତିରଞ୍ଜନ ଭୂୟାଁ, ମଧୁସ୍ମିତା ଏବଂ ସମୀରରଞ୍ଜନ ନାଥ ଏବଂ ସମସ୍ତ ଜିପିସିଏମ୍ ସହଯୋଗ କରିଥିଲେ।

## ବାଇକ୍ ଏବଂ ଅଟୋବାଲାଙ୍କ କବ୍‌ଜାରେ ଅଧା ରାସ୍ତା

# ପୁଲିସର ଟ୍ରାଫିକ୍ ପରିଚାଳନା ଉପରେ ବଡ଼ ପ୍ରଶ୍ନବାଚୀ

କେନ୍ଦୁଝର, ୧୫।୨(ସମିସ)

କେନ୍ଦୁଝର ସହରର ଲୋକସଂଖ୍ୟା ଲକ୍ଷାଧିକ ହେଲାଣି। ଲୋକସଂଖ୍ୟା ଅନୁପାତରେ ଗାଡିମୋଟର ସଂଖ୍ୟା ହୁହୁ ହୋଇ ବଢ଼ିଚାଲିଛି। ଜିଲ୍ଲା ମୁଖ୍ୟାଳୟ ହୋଇଥିବାରୁ ପ୍ରତ୍ୟହ ସହରକୁ ଶହଶହ ଲୋକ ବିଭିନ୍ନ କାର୍ଯ୍ୟରେ ଆସୁଛନ୍ତି। ସେମାନେ ମଧ୍ୟ ବହୁ ଗାଡିମୋଟର ନେଇ କାମରେ ଆସୁଛନ୍ତି; କିନ୍ତୁ ଉତ୍ତମ ଟ୍ରାଫିକ ପରିଚାଳନାର ଅଭାବରୁ ଲୋକେ ରାସ୍ତା ଉପରେ ଗାଡିମୋଟର ଥୋଇ ଦେଉଛନ୍ତି। ଯାହାର ଫଳ ସ୍ୱରୁପ ମୁଖ୍ୟ ବଜାରରେ ସବୁବେଳେ ସମାସ୍ୟା ଲାଗି ରହୁଛି। ବିଶେଷକରି ବାଇକ ବାଲା ଏବଂ ସହରର ଅଟୋବାଲାଙ୍କ କାହାରିକୁ ଖାତିର ନାହିଁ। ପୁଲିସ ମଧ୍ୟ ନିରବଦ୍ରଷ୍ଟା ହୋଇଛି।

ଆରଟିଓ ଅଫିସ ପାଖରୁ ଗାନ୍ଧୀଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଏମାନେ ଅଧା ରାସ୍ତାକୁ ନିଜ ଅକ୍ତିଆର କରି ପାର୍କିଂ କରୁଛନ୍ତି। କେହି ଦେଖିବାକୁ ନାହିଁ। ଏଗୁଡିକୁ ଠିକ ଭାବେ ସଜାଇ ପାର୍କିଂ କରାଗଲେ ଏତେ ସମାସ୍ୟା ଦେଖା ଦିଅନ୍ତା ନାହିଁ। ମାତ୍ର ଅସଜଡା ଭାବେ ଯାହାର ଇଛା ଯେଉଁଠି ବାଇକ ଓ ଅଟୋଗୁଡିକ




ଥୋଇ ଦେଉଥିବାରୁ ଆମ୍ବୁଲାନ୍ସ ମଧ୍ୟ ଏହିବାଟରେ ଠିକ ଟାଇମରେ ଡାକ୍ତରଖାନା ପହଞ୍ଚି ପାରୁନାହିଁ। ଜିଲ୍ଲା ବାହାରୁ ଆସୁଥିବା ଲୋକେ ଏଭଳି ଅବସ୍ଥା ଦେଖି ତାଜୁବ ହେଉଛନ୍ତି। ସେମାନଙ୍କ କହିବା କଥା ହେଲା, ସହରର ଲୋକେ ଚଳୁଛନ୍ତି କିପରି ଏବଂ ଗାଡିମୋଟର ଧରି ବଜାରକୁ ଆସିଲେ ଅବସ୍ଥା କ'ଣ ହେଉଛି। କେନ୍ଦୁଝର ସହରର ଚାରିକଡ ରାସ୍ତାରେ ଉଚ୍ଚଶକ୍ତି ସମ୍ପର୍ଣ୍ଣ ସିସିଟିଭି ଲାଗିଛି। ଏହା କେବଳ ହେଲମେଟ ପିନ୍ଧି ନଥିବା ଆରୋହୀଙ୍କୁ ଫାଇନ କାଟିବାରେ ଲାଗିବା ବ୍ୟତୀତ ରାସ୍ତା ଉପରେ ଗାଡିମୋଟର ଥୋଇବା, ରାସ୍ତା ଅବରୋଧ କରିବା, ରାସ୍ତା ଉପରେ ହାଟ କରିବା, ଭୁଲସାଇଡରେ ଗାଡିମୋଟର ଚଳାଇ ସମାସ୍ୟା ସୃଷ୍ଟି କରିବା, ଦିନବେଳେ ସହର ମଧ୍ୟରେ ଭାରୀଯାନ ଚଳାଇବା, ଟ୍ରାଫିକ ନିୟମ ଉଲଙ୍ଘନ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଶୂନ ରହିଛି। ଯାହା ପାଇଁ କିଛି ଭୟ ନକରି ରାଜରାସ୍ତାରେ ଅଟୋ ଏବଂ ବାଇକଗୁଡିକ ରଖାଯାଇ ଟ୍ରାଫିକ ସମାସ୍ୟା ସୃଷ୍ଟି କରାଯାଉଛି। ହେଲମେଟ ପରିଧାନକୁ କଡାକଡି ପାଳନ ହେବାରୁ କେନ୍ଦୁଝର ସହରରେ ସବୁଦିନେ ବିନା ହେଲମେଟରେ ବୁଲୁଥିବା ଆରୋହୀ ବାଧ୍ୟ ହୋଇ ହେଲମେଟ ପରିଧାନ କରୁଛନ୍ତି। ଫାଇନ ଭୟରେ ହେଉପଛକେ କେନ୍ଦୁଝରବାସୀ ସହରରେ ହେଲମେଟ ପରିଧାନ କରି ଯାଉଥିବା ଦେଖାଯାଉଛି। ସେହିଭଳି ରାସ୍ତା ଉପରେ ଗାଡିମୋଟର ରଖୁଥିବା ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲେ ଟ୍ରାଫିକ ସମାସ୍ୟା ନିଶ୍ଚୟ ସୁଧୁରି ପାରନ୍ତା ବୋଲି ମତପୋଷଣ ହେଉଛି। ପୁଲିସ ପ୍ରଶାସନ ଏଦୀଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସହରବାସୀ ଦାବି କରୁଛନ୍ତି।

- ସ୍କୁଟି କିସ୍ତି ଦେଇ ନଥିବାରୁ ଅପହରଣ

# ପୁଲିସ ଦ୍ୱାରା ଯୁବକ ଉଦ୍ଧାର

ହାଟଡ଼ିହୀ, ୧୫।୨(ସମିସ): ଏକ ଫାଇନାନ୍ସ ସଂସ୍ଥାରୁ ଋଣରେ ସ୍କୁଟି ଆଣିଥିବା ବେଳେ କିସ୍ତି ଦେଇ ନଥିବାରୁ ଆଜି ଫାଇନାନ୍ସ ସଂସ୍ଥାର ୩ ଜଣ ବ୍ୟକ୍ତି ଜଣେ ଯୁବକଙ୍କୁ ଅପହରଣ କରି ନେଇଯାଉଥିବା ସମୟରେ ପୁଲିସ ଦ୍ୱାରା ଉଦ୍ଧାର ହେବା ଘଟଣା ଚର୍ଚ୍ଚାକୁ ଆସିଛି। କାଠିଆସରା ଗ୍ରାମର ଜଣେ ଯୁବକ ଏକ ଫାଇନାନ୍ସ ସଂସ୍ଥାରୁ ଋଣରେ ସ୍କୁଟି ଆଣିଥିଲେ। ଦୀର୍ଘ ମାସ ହେଲା କିସ୍ତି ଦେଉ ନଥିଲେ। ଆଜି ସକାଳେ ୩ଜଣ ବ୍ୟକ୍ତି ଏକ କାରରେ ଆସି ରାସ୍ତାରେ ଛକି ବସିଥିଲେ। ଯୁବକ ଜଣକ ଅନ୍ୟ ଜଣେ ବ୍ୟକ୍ତିଙ୍କ ବାଇକରେ ନିଜ ଗ୍ୟାରେଜକୁ ଆସୁଥିବା ବେଳେ ବାଇକ ସହ ଯୁବକକୁ ଅପହରଣ କରିନେଇ କେନ୍ଦୁଝର ଅଭିମୁଖେ ପଳାଉଥିଲେ। ବାଇକ ମାଲିକ ଜଣକ ଏ ସୂଚନା ପାଇବା ପରେ ସେମାନଙ୍କୁ ପିଛା କରି ଶାଳପଡ଼ା ନିକଟରେ ଧରି ଘସିପୁରା ପୁଲିସକୁ ଜଣାଇଥିଲେ। ଘସିପୁରା ପୁଲିସ କାର ସହ ଯୁବକମାନଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ଉଭୟଙ୍କ ମଧ୍ୟରେ ବୁଝାମଣା କରି ସମସ୍ତଙ୍କୁ ଛଡ଼ା ଯାଇଥିବା ସୂତ୍ରରୁ ଜଣାପଡ଼ିଛି।

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

କେନ୍ଦୁଝର, ୧୫।୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନାଞ୍ଚଳର ଜଣେ ନାବାଳିକାକୁ ଜଣେ ଯୁବକ ଦୁଷ୍କର୍ମ କରିବା ଦ୍ୱାରା ସମ୍ପୃକ୍ତ ବାଳିକା ଗର୍ଭବତୀ ହୋଇଥିବା ନେଇ ପରିବାର ପକ୍ଷରୁ ଯୋଡା ଥାନାରେ ଅଭିଯୋଗ ହୋଇଛି। ନାବାଳିକାଙ୍କ ମା' ଏନେଇ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସହିଦ ନଗରର ଯୁବକ ଦିନେଶ ପାତ୍ର ଗତବର୍ଷ ଶିବରାତ୍ରି ପ୍ରାୟ ୧୧ଟା ସମୟରେ ଉକ୍ତ ନାବାଳିକାକୁ ଦୁଷ୍କର୍ମ କରିବା ସହ ଏହାର ଭିଡିଓ ରେକର୍ଡ କରି ନାବାଳିକାକୁ ବ୍ଲାକମେଲ କରି ଆସୁଥିଲା। ବାରମ୍ବାର ଶାରୀରିକ ସମ୍ପର୍କ ରଖି ଆସୁଥିଲା। ନାବାଳିକା ଜଣକ ୫ ମାସର ଗର୍ଭବତୀ ହେବା ପରେ ନାବାଳିକାକୁ ବିବାହ କରିବାକୁ ମନା କରିବା ସହିତ ତାଙ୍କୁ ଚାପୁଡା ମଧ୍ୟ ମାରିଥିଲା। ଘଟଣା ସମ୍ପର୍କରେ ନାବାଳିକା ତାଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ନାବାଳିକାଙ୍କ ମା' ଉକ୍ତ ଯୁବକ ନାମରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଯୋଡା ପୁଲିସ ନାବାଳିକାଙ୍କୁ ଡାକ୍ତରୀ ମାଇନା କରିବା ସହ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଜଙ୍ଗଲ ନିଆଁ ନିବାରଣ ସଚେତନତା ଶୋଭାଯାତ୍ରା




ଡୁରୁମୁଙ୍ଗା, ୧୫।୨(ସମିସ): ଖରା ଦିନ ଆରମ୍ଭ ନହେଉଣୁ ପାଟଣା ରେଞ୍ଜର ବିଭିନ୍ନ ଜଙ୍ଗଲ ଏବେ ନିଆଁର ଆଁ ଭିତରେ ରହିଛି। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଶନିବାର ପାଟଣା ରେଞ୍ଜ ତଣ୍ଡ ବିଟ୍‌ରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଡୁମୁରିଆ ପଞ୍ଚାୟତ ତଣ୍ଡ ବନସୁରକ୍ଷା ସମିତି କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଘାଟବାଲିଯୋଡି ଗ୍ରାମ ପର୍ଯ୍ୟନ୍ତ ଯାଇଥିଲା। ଜଙ୍ଗଲରେ ନିଆଁ ନଲଗାଇବା, କେହି ଲଗାଉଥିଲେ ତାକୁ ବାରଣ କରିବା, ନିଆଁ ଲଗାଉଥିବା ଦୁର୍ବୃତ୍ତଙ୍କୁ ଧରିବା, ନିଆଁ ଲାଗିଥିଲେ ତାକୁ ଲିଭାଇବାକୁ ଉଦ୍ୟମ କରିବା, ଜରୁରୀ ପରିସ୍ଥିତିରେ ତୁରନ୍ତ ଅଗ୍ନିଶମ ବାହିନୀ ଓ ବନବିଭାଗକୁ ସୂଚନା ଦେବା ଆଦି ବାର୍ତ୍ତା ନେଇ ଏହି ଶୋଭାଯାତ୍ରା କରାଯାଇଥିଲା। ପଞ୍ଚାୟତ ଅଞ୍ଚଳର ଏସଏଚଜି ମହିଳା, ସିଆରପିସିଏମ, ଏମବିକେ, ଗଜସାଥୀ ଓ ବନସୁରକ୍ଷା ସମିତିର କର୍ମକର୍ତ୍ତା ସାମିଲ ହୋଇଥିଲେ। ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇଙ୍କ ସହ ପାଟଣା ବନପାଳ ପିଅନ ନାଏକ, ବନରକ୍ଷୀ ଦେବଯାନୀ ମହାନ୍ତ, ରଣଜିତ ପଲେଇ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ପାଲା ମାଧ୍ୟମରେ ଜଙ୍ଗଲ ନିଆଁ ନିରାକରଣ ସଚେତନତା



ତେଲକୋଇ, ୧୫।୨(ସମିସ): କେନ୍ଦୁଝର ବନଖଣ୍ଡ ତେଲକୋଇ ବନ ବିଭାଗ ପକ୍ଷରୁ ବିଭିନ୍ନ ହାଟରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ପାଲା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେଲକୋଇ ରେଞ୍ଜର ଶିବାଜୀ ମୋହନ ରାଓଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶୁଖିଲା ପତ୍ରରେ ନିଆଁ ଲଗାଇ ମହୁଲ ଫୁଲ ସଂଗ୍ରହ କରିବା ଯୋଗୁଁ ଜଙ୍ଗଲର ବ୍ୟାପକ କ୍ଷତି କରାଇଥାଏ। ଜଙ୍ଗଲରେ ନିଆଁ ଲାଗିଲେ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ କ୍ଷତି ହେବା ସହ ଧନଜୀବନ କିପରି କ୍ଷତି ଘଟୁଛି ସେନେଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ତେଲକୋଇ ହାଟ ବଜାରରେ ଓ ଶନିବାର ଉଦଯାପନୀ କାର୍ଯ୍ୟକ୍ରମରେ ଛାମୁଣ୍ଡା ହାଟ ବଜାରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନପାଳ ମଳୟ କୁମାର ଜେନା, ବନରକ୍ଷୀ ଅଜିତ ଦାସ, ପ୍ରଭାତୀ ଦାସ, ପୁତୁଲୁ ନାଏକଙ୍କ ସହଯୋଗରେ ଏହା ଚାଲିଥିଲା ବେଳେ ଆଗମୀ ଦିନରେ ଗାଁ ଗାଁରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜଣାପଡ଼ିଛି।

# ରଞ୍ଜୁଲତାଙ୍କ ମୁଣ୍ଡରେ ପରିବାରର ବୋଝ

ରାମଚନ୍ଦ୍ରପୁର, ୧୫ ।୨(ସମିସ): ପୁରୁଷ ପ୍ରାଧାନ୍ୟ ସମାଜରେ ଘରର ମୁରବୀ ତଥା ପରିବାର ପୋଷଣରେ ମହିଳାଙ୍କ ଭାଗିଦାରୀ ଖୁବ ରହିଥାଏ, ହେଲେ ଏମିତି ଜଣେ ମହିଳା ଯିଏ ଭିନ୍ନକ୍ଷମ ସ୍ୱାମୀଙ୍କ ସେବା କରିବା ସହ ନିଜ ୭ ପ୍ରାଣୀ କୁଟୁମ୍ବଙ୍କ



ଭରଣ ପୋଷଣ ପାଇଁ ଏକା ଅଣ୍ଟା ଭିଡିଛନ୍ତି। ଦିନତମାମ୍ ଆଇସକ୍ରିମ ଟ୍ରଲି ଧରି ସ୍କୁଲ କଲେଜ, ହାଟ ବଜାର ନିକଟରେ ବୁଲି କରୁଛନ୍ତି ବେପାର। ସଞ୍ଜ ହେଲେ ଗାଁ ଛକରେ ଚଟପଟ ଜଳଖିଆ ବେପାର। ସେ ହେଉଛନ୍ତି ଘସିପୁରା ବ୍ଲକ ଦରଡିପାଳ ପଞ୍ଚାୟତ ଅନ୍ତର୍ଗତ ବାଲିପାଳ ଗ୍ରାମର ବ୍ରହ୍ମାନନ୍ଦ ସାଙ୍କ ପତ୍ନୀ ରଞ୍ଜୁଲତା (୪୮)।

ବ୍ରହ୍ମାନନ୍ଦ ଜନ୍ମରୁ ଭିନ୍ନକ୍ଷମ। ଗାଁ ଛକରେ ଜଳଖିଆ ଦୋକାନ କରି ପରିବାର ପୋଷଣ କରୁଥିଲେ। ୭ ପ୍ରାଣୀ କୁଟୁମ୍ବ ସେତିକିରେ ଦୁଃଖକଷ୍ଟରେ ଚଳିଯାଉଥିଲେ। ହଠାତ ବ୍ରହ୍ମାନନ୍ଦଙ୍କ ମସ୍ତିସ୍କ ବିକୃତି ଘଟିଲା। ଫଳରେ ବେପାର ବଣିଜ କରିବା ସମ୍ଭବପର ହେଲାନାହିଁ। ଘରେ ବସି ରହିଲେ ବ୍ରହ୍ମାନନ୍ଦ। ପରିବାର ଚଳିବା କଷ୍ଟସାଧ ହୋଇ ପଡ଼ିଲା। ଏଥିରେ ବିଚଳିତ ନହୋଇ ରଞ୍ଜୁ ଆଗକୁ ବାହରିଲେ, ନିଜ ଉଦ୍ୟମରେ ଏକ ଆଇସକ୍ରିମ ଟ୍ରଲି ଧରି ଗାଁସ୍କୁଲ ଏବଂ ବଜାରରେ ବିକ୍ରି ଆରମ୍ଭ କଲେ। ଶୀତ ଦୁଇ ସାସ ଛାଡି ଦେଲେ ଅନ୍ୟ ସବୁ ଦିନରେ ୨ରୁ ୩ ହଜାର ଟଙ୍କା ବିକ୍ରି କରିଥାନ୍ତି। ସେଥିରୁ

- ଦିନତମାମ୍ ଆଇସକ୍ରିମ ବେପାର, ସଞ୍ଜରେ ଚଟ୍‌ପଟି ଖାଦ୍ୟ
- ସ୍ୱାବଲମ୍ବନ ସହ ମହିଳା ସଶକ୍ତୀକରଣର ଉଦାହରଣ

ଯାହା କମିଶିନ ମିଳେ ସେତିକିରେ ପରିବାର ଚଳି ଯାଉଛି। ରାଜ୍ୟ ସରକାର ମହିଳା ସଶକ୍ତିକରଣ ନାମରେ ବିଭିନ୍ନ ଯୋଜନା ପ୍ରସ୍ତୁତ କରି କୋଟି କୋଟି ଟଙ୍କା ବ୍ୟୟ ଅଟକଳ କରୁଥିବା ବେଳେ ରଞ୍ଜୁ ପାଇଁ ତାହା ସାତସପନ ହୋଇଛି। ଆଇସକ୍ରିମ ଟ୍ରଲି ବଦଳରେ ବ୍ୟାଟେରିଚାଳିତ ଗାଡିଟିଏ ମିଳିଲେ ଅନାୟସରେ ବିଭିନ୍ନ ହାଟ ବଜାରକୁ ଯାଇ ଅଧିକ ବିକ୍ରାବଟା କରିପାରନ୍ତେ ବୋଲି କହନ୍ତି ରଞ୍ଜୁଲତା। ସମାଜରେ ପୁରୁଷଙ୍କ ହାତରେ ଘରର ଦାୟିତ୍ୱ ନ୍ୟସ୍ତ ହୋଇଥିବା ବେଳେ ରଞ୍ଜୁଙ୍କ କ୍ଷେତ୍ରରେ ଓଲଟା ସାବ୍ୟସ୍ତ ହୋଇଛି। ଏବେ ସ୍ଥାନିୟ ଗ୍ରାମବାସୀ ରଞ୍ଜୁଙ୍କ ଧୈର୍ଯ୍ୟ ଏବଂ କର୍ତ୍ତବ୍ୟନିଷ୍ଠାକୁ ପ୍ରଶଂସା କରୁଛନ୍ତି। ଫଳରେ ଆଜିର ମହିଳା ମାନଙ୍କ ପାଇଁ ରଞ୍ଜୁଲତା ସା ଉଦାହରଣ ପାଲଟିଛନ୍ତି।

# ୨ ପିକ୍‌ଅପ୍ ସହ ଗୋରୁ ଜବତ; ଜଣେ ଗିରଫ




ଆନନ୍ଦପୁର, ୧୫।୨(ସମିସ): ଆନନ୍ଦପୁର ପୁଲିସ ରାତ୍ରପାଟ୍ରୋଲିଂ ବେଳେ ଏକ ଗୋରୁ ବୋଝେଇ ଗାଡ଼ିକୁ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗାଡ଼ିରେ ବୋଝେଇ ଥିବା ୧୬ଟି ଗୋରୁ ଜବତ କରାଯାଇଛି। ସୂଚନା ଅନୁସାରେ, ଆନନ୍ଦପୁର ଥାନାଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଟିମ ଦୁଇଟି ପିକଅପ ଭ୍ୟାନକୁ ଅଟକାଇ ଯାଞ୍ଚ କରିଥିଲେ। ଅତି ନିଷ୍ଠୁର ଭାବରେ ୧୬ଟି ଗୋରୁ ଚାଲାଣ ହେଉଥିବା ଦେଖାଯାଇଥିଲା। ଏହି ଗୋରୁ ମୟୁରଭଞ୍ଜ ପାର୍ଶ୍ୱକୁ ଚାଲାଣ କରୁଥିବାର ସୁରାକ ପାଇ ଆନନ୍ଦପୁର ପୁଲିସ ଗାଡ଼ିଦ୍ୱୟକୁ ପିଛା କରି କାବୁ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ତଥା ଗାଡ଼ି ଚାଳକକୁ ଆନନ୍ଦପୁର କୋର୍ଟକୁ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ସମସ୍ତ ଗୋରୁଙ୍କୁ ଉଦ୍ଧାର କରି ବାଲେଶ୍ୱରର ସିମୁଳିଆସ୍ଥିତ ଗୋଶାଳାକୁ ହସ୍ତାନ୍ତର କରାଯାଇଛି। ଘଟଣାରେ ସଂଶ୍ଳିଷ୍ଟ ଅନ୍ୟମାନେ ଖସି ଯାଇଥିବା ଜଣାପଡ଼ିଛି।

# ଆରମ୍ଭ ହେଲା କାନ୍‌ଝାରୀ ଡ୍ୟାମ୍‌ର ବାମ ପାର୍ଶ୍ୱ କେନାଲ ପୁନରୁଦ୍ଧାର କାମ

କେନ୍ଦୁଝର, ୧୫।୨(ସମିସ)

କାନ୍‌ଝାରୀ ଡ୍ୟାମର ବାମ ପାର୍ଶ୍ୱ କେନାଲ ପୋତି ହୋଇ ଭାଙ୍ଗିରୁଜି ଯାଇ ତଳ ମୁଣ୍ଡକୁ ପାଣି ଯିବାରେ ସମସ୍ୟା ଦେଖାଯାଉଥିଲା। ଏହାର ମରାମତି ସହ ପଙ୍କ ଉଦ୍ଧାର କରିବାକୁ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ଜଳସେଚନ ପାଇଁ ନଦୀବନ୍ଧ ନିର୍ମାଣ କରାଯାଇଥିଲେ ମଧ୍ୟ ଏଗୁଡିକର ରକ୍ଷଣାବେକ୍ଷଣ ହେଉ ନଥିବାରୁ ଆୟକଟ ଏରିଆକୁ ଜଳସେଚନ ସମ୍ପୂର୍ଣ୍ଣ ଭାବେ ହୋଇପାରୁ ନଥିଲା। କାନ୍‌ଝାରୀ ବାମ ପାର୍ଶ୍ୱ କେନାଲର ଚକଠାରୁ କଣ୍ଟିଆପଡ଼ା ଏବଂ ଗୋଡିପୋଖରୀ ପର୍ଯ୍ୟନ୍ତ ୨୧ କିଲୋମିଟର କେନାଲ ଭାଙ୍ଗିରୁଜି ଯାଇଥିବାରୁ ତଳ ମୁଣ୍ଡକୁ ଜଳସେଚନ ସୁବିଧା ମିଳୁ ନଥିଲା। ଫଳରେ ଚକ, ଡୁମୁରିଆ, ଜଗନ୍ନାଥପୁର, ତାଳପଦା, କଣ୍ଟିଆପଡ଼ା, ଯମୁନାପଶି, ଗୋଡିପୋଖରୀ, ବରୁଡିପଶି, କୋଡଖମଣ, ପଦ୍ମକେଶରପୁର, ଭୃଙ୍ଗରାଜପଶି ଏବଂ ନୂଆଗାଁ ଗ୍ରାମକୁ ଜଳ ପହଞ୍ଚି ପାରୁ ନଥିଲା। ଏହାର ମରାମତି ପାଇଁ ଚାଷୀମାନେ ଦୀର୍ଘଦିନ ହେବ ଦାବି କରି ଆସୁଥିଲେ ହେଁ ବାମ ପାର୍ଶ୍ୱ କେନାର ମରାମତି ଏବଂ ପଙ୍କ ଉଦ୍ଧାର କରାଯାଉ ନଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ଦୀର୍ଘ ୩୫ ବର୍ଷ ଧରି ସ୍ଥାୟୀ ମରାମତି ହୋଇ ନଥିବାରୁ ଅନେକ ସ୍ଥାନରେ ପାଣି ଲିକ୍ ହୋଇ ତଳ



ମୁଣ୍ଡକୁ ପାଣି ଯାଇ ପାରୁ ନଥିଲା। ପ୍ରତିବର୍ଷ ରବି ଋତୁରେ ଏହି ସମସ୍ୟା ଦେଖାଦେଉଥିଲା। ଏହାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ପକ୍ଷରୁ ବାମ ପଟ କେନାଲର ୪ଟି ମାଇନର କେନାଲର ସ୍ଥାୟୀ ମରାମତି ପାଇଁ ଟେଣ୍ଡର କରାଯାଇ କାମ ଆରମ୍ଭ ହୋଇଛି।

ଡୁମୁରିଆ, ଗମ୍ଭାରିଆ, ପଦ୍ମପୁର ଏବଂ ଗୋଡିପୋଖରୀ ମାଇନର କେନାଲର କାମ ଆରମ୍ଭ ହୋଇଥିବାରୁ କେନାଲରେ ପାଣି ଛଡାଯାଉନାହିଁ। ଏଥିସହ ବାମପଟ ମୁଖ୍ୟ କେନାଲର ସଫେଇ କାମ ଏବଂ କଂକ୍ରିଟ ଲାଇନିଙ୍ଗ କାମ କରାଯାଉଛି। ମେ ମାସ ମଧ୍ୟରେ ଏହାର ସମ୍ପୂର୍ଣ୍ଣ କାମ ଶେଷ ହେବ। ଚଳିତ ବର୍ଷ ବାମ ପଟ କେନାଲରେ ପାଣି ଛଡ଼ାଯିବ ନାହିଁ। ସମ୍ପୂର୍ଣ୍ଣ କାମ ସରିବା ପରେ ପାଣି ଛଡାଯିବ। ଏଥିପାଇଁ କାନଝାରୀ ଜଳସେଚନ ଉପଖଣ୍ଡ ଅଧିକାରୀ ଚତୁର୍ଭୁଜ ନାୟକ ଜନସାଧାରଣ ତଥା ଚାଷୀ ଭାଇଭଉଣୀମାନଙ୍କ ସହଯୋଗ କାମନା କରିଛନ୍ତି। ବାମପଟ କେନାଲର କାମ ଶେଷ ହେଲେ ଅଧିକ ୨ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିପାରିବ ବୋଲି ଶ୍ରୀ ନାୟକ କହିଛନ୍ତି।

ସୂଚନାଯୋଗ୍ୟ ଯେ କୃଷିକ୍ଷେତ୍ରର ବିକାଶ ପାଇଁ କେନ୍ଦୁଝର ଜିଲ୍ଲା କାନଝାରୀଠାରେ କାନଝାରୀ ମଧ୍ୟମ ଜଳସେଚନ ପ୍ରକଳ୍ପ କରାଯାଇଥିଲା। ଏହି ପ୍ରକଳ୍ପ ୧୯୮୯ରେ କାର୍ଯ୍ୟକ୍ଷମ ହୋଇ ଚାଷୀଙ୍କୁ ପାଣି ଯୋଗାଇ ଆସୁଥିଲା। ଏହି ପ୍ରକଳ୍ପ ହେବାର ୩୫ ବର୍ଷ ପରେ କେନାଲ ଭାଙ୍ଗି ପୋତି ହୋଇ ଯାଇଥିବାବେଳେ ଡ୍ୟାମର ଜଳଧାରଣ କ୍ଷମତା ହ୍ରାସ ହେଲାଣି। ପଙ୍କ ଏବଂ ମାଟିରେ ନଦୀ ବନ୍ଧ କ୍ରମଶଃ ପୋତି ହୋଇ ଯାଉଥିବାରୁ ତଳ ମୁଣ୍ଡକୁ ଖରା ଦିନରେ ଜଳସେଚନରେ ସମସ୍ୟା ହେଉଥିଲା। କାନଝାରୀ ନଦୀ ବନ୍ଧ ଉପରେ ସଦର, ଘଟଗାଁ ଏବଂ ପାଟଣା ବ୍ଲକର ୭ଟି ପଞ୍ଚାୟତ ଅଧୀନସ୍ଥ ୯୬ଟି ଗ୍ରାମର ଚାଷୀ ଉପକୃତ ହେଉଛନ୍ତି। ଏହି ନଦୀ ବନ୍ଧର ମୋଟ ଆୟକଟ ଏରିଆ ୧୦ହଜାର ୯୦୦ ହେକ୍ଟର ଥିବାବେଳେ ଜଳ ଧାରଣ କ୍ଷମତା ଦିନକୁ ଦିନ କମୁଥିବାରୁ ଖରିଫ୍ ଋତୁରେ ୬୫୦୦ ହେକ୍ଟର ଏବଂ ରବି ଋତୁରେ ୨୮୦୦ ହେକ୍ଟର ଜମିକୁ ଜଳସେଚନ ହୋଇପାରୁଛି। ଜଳଭଣ୍ଡାର କ୍ଷମତା ୩୪୫୧.୬୬ ହେକ୍ଟର ଏରିଆ ପର ମିଟର ଥିବାବେଳେ ପଙ୍କ ଏବଂ ମାଟିରେ ପୋତି ହୋଇ ଯାଉଥିବାରୁ ଜଳଧାରଣ କ୍ଷମତା ମଧ୍ୟ ହ୍ରାସ ପାଇଛି। ଚାଷୀମାନେ ରବି ଋତୁରେ ଆବଶ୍ୟକ ଅନୁସାରେ ପାଣି ପାଇପାରୁନାହାନ୍ତି। ଏହାର ମଧ୍ୟ ପୁନଃରୁଦ୍ଧାର ଜରୁରୀ ହୋଇପଡଛି।

# ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲର ସିବିଏସ୍‌ଇ ବୋର୍ଡ ପରୀକ୍ଷା



ଆନନ୍ଦପୁର, ୧୫।୨ (ସମିସ): ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲରେ ଥିବା ଶ୍ରୀଗଣେଶ, ଦେବୀ ସରସ୍ୱତୀ, ମା'ତାରିଣୀ ଓ ପ୍ରଭୁ ପଞ୍ଚମୁଖୀ ହନୁମାନଙ୍କ ଆଶୀର୍ବାଦ ସହ ଛାତ୍ରଛାତ୍ରୀମାନେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଆର୍ଶୀବାଦ ନେଇ ପରୀକ୍ଷା ପରୀକ୍ଷାରେ ଉପସ୍ଥିତ ରହିଛନ୍ତି। ସ୍କୁଲର ଅଧକ୍ଷା ଡ. ସୁଜାତା ଘୋଷ, ଉପାଧକ୍ଷା ରଞ୍ଜିତା ଜେନା ପାଟଶାଣୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ସତ୍ୟବ୍ରତ ସାହୁ, ଜଗଦାନନ୍ଦ ବେହେରା, ଲିପ୍ସା ବଳ, ମିତିଶା ରାମ, ଦେବାଶିଷ ବାରିକ, ଗୀତାଞ୍ଜଳି ସାହୁ, ସୁବ୍ରତ ରାମ, କଲ୍ୟାଣୀ ରାମ, ଲିପିସ୍ମିତା ଚକ୍ର, ସାରଦାରାଣୀ ସାହୁ, ପ୍ରଭଞ୍ଜନ ପଣ୍ଡା, ଶକ୍ତିସାଗର ସାହୁ, ସୁଶ୍ରୀ ରଥ, ଜୟଶ୍ରୀ ରଥ, ରୀନାରାଣୀ ପଲେଇ, ସଂଘମିତ୍ରା ଦ୍ୱିବେଦୀ, ଅନନ୍ୟା ଜେନା, ମୋନାଲିସା ପଣ୍ଡା, ମିତାଲି ବିଶ୍ୱାଳ, ସୁଶାନ୍ତ ପାଣି, ଶୁଭଶ୍ରୀ ସାହୁ, କବିତାଞ୍ଜଳି ନାୟକ, ମାମାଲି ମାଝୀ, ସ୍ମିତାରାଣୀ ସାହୁ, ଚିନ୍ମୟୀ ସିଂ, ରାନୁସ୍ମିତା ଜେନା, ପ୍ରତିଭା ଜେନା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଶୁଭାଶିଷ ଜଣାଇଥିଲେ। ସ୍କୁଲର ଅନ୍ୟତମ ସଦସ୍ୟ ଅନ୍ନଦାଶଙ୍କର ମହାନ୍ତି ଛାତ୍ରଛାତ୍ରୀଙ୍କୁ ବିନା ଚାପରେ ନିଜେ ନିଜକୁ ଶାନ୍ତରଖି ପରୀକ୍ଷା ଦେବାକୁ ଉପଦେଶ ଦେଇଥିଲେ। ସ୍କୁଲର ମ୍ୟାନେଜିଙ୍ଗ ଟ୍ରଷ୍ଟି କବି ଡ.ଅଶୋକ କୁମାର ପୁହାଣ ସମସ୍ତ ପରୀକ୍ଷାର୍ଥୀଙ୍କ ସଫଳତା କାମନା କରିଥିଲେ। ମଞ୍ଜୁଲତା ପୁହାଣ ଛାତ୍ରଛାତ୍ରୀଙ୍କ ଶୁଭ ମନାସୀ କଲମ ପ୍ରଦାନ କରିଥିଲେ। ସ୍କୁଲର ଜେନେରାଲ ମ୍ୟାନେଜର ସନ୍ତୋଷ କୁମାର ସା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ରେକୁଟିଆ କେନାଲ ନିର୍ମାଣରେ ଅନିୟମିତତା

# ହେଉନି ତଦାରଖ; ଚାଷୀ ମହଲରେ ଅସନ୍ତୋଷ

ଆନନ୍ଦପୁର, ୧୫।୨(ସମିସ)

ରାଜ୍ୟ ସରକାର ଚାଷୀ ଓ ଚାଷର ଉନ୍ନତି ପାଇଁ ଅନାବୃଷ୍ଟି ସମୟରେ ଚାଷ ଜମିକୁ ପାଣି ଯୋଗାଇ ଦେବା ପାଇଁ ବ୍ୟାପକ ଯୋଜନା କରିଆସୁଛନ୍ତି। ଏହା ଅସଲରେ ଚାଷଜମିଗୁଡ଼ିକରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ ଚାଷୀମାନେ ଜମିକୁ ପାଣି ମଡ଼ାଇବା ପାଇଁ ବାର ମାସ ହନ୍ତସନ୍ତ ହେଉଛନ୍ତି। କେନାଲ ନିର୍ମାଣ ଓ ମରାମତି ନାମରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଚାଷ ଜମିରେ ପାଣି ପହଞ୍ଚି ପାରୁନାହିଁ। କେନାଲ କାମରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଉ ଥିବାରୁ ଚାଷୀଙ୍କ ପାଇଁ ଏହା କ୍ଷତି ପହଞ୍ଚାଇଛି। ଆନନ୍ଦପୁର ଜଳ ସଂପଦ ବିଭାଗ ଅଧୀନରେ ଥିବା ରେମାଳ କେନାଲ ନିର୍ମାଣରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟ କ୍ଷେତ୍ରରେ ଉପସ୍ଥିତ ରହୁ ନଥିବା କିମ୍ବା ତଦାରଖ କରୁ ନଥିବାରୁ ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ୧୧୦ ମିଟର ବିଶିଷ୍ଟ ରେକୁଟିଆ ମାଇନର କେନାଲ ନିର୍ମାଣ ପାଇଁ ୧୨ଲକ୍ଷ ଟଙ୍କା ବ୍ୟୟ ଅଟକଳ



କରାଯାଇ ଟେଣ୍ଡରଆହ୍ୱାନ କରାଯାଇଥିଲା। କେନାଲର ଗାର୍ଡୱାଲ ସହ ଶଯ୍ୟା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଉଛି। ଶଯ୍ୟାରେ ଆବଶ୍ୟକ ବାଲି ପକାଯାଉ ନଥିବା ବେଳେ ଚିପସ୍ ପରିବର୍ତ୍ତେ ଧଳା ମୁରୁଜ ପଥର ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ବିଲ ଭିତରେ ନିର୍ମାଣ ଚାଲିଥିବାରୁ ତଦାରଖ କରିବାକୁ କୋ÷÷ଣସି ଯନ୍ତ୍ରୀ ଯାଉ ନଥିବା ଚାଷୀମାନେ ଅଭିଯୋଗ ଉଠାଇଛନ୍ତି। ରେମାଳ କେନାଲ ଡିଭିଜନର ସହକାରୀ ଯନ୍ତ୍ରୀ କିଶୋର କୁମାର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ନୂଆ ଡିଜାଇନରେ କାମ କରିବାକୁ ଠିକାଦାରଙ୍କ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଏହି ଅଞ୍ଚଳରେ କେନାଲରେ ଘଳିଆ ଯୋଗୁଁ ଗତବର୍ଷ ଖରିଫ୍ ଋତୁରେ ଚାଷ ଜମିକୁ ପାଣି ଯାଉ ନଥିଲା। କେନାଲ ମରାମତି କରାଯାଇ ଚାଷୀଙ୍କ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏବେ ନିମ୍ନମାନର କାମ ହେଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜଳ ସଂପଦ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବାଙ୍ଗୋର ହାଇସ୍କୁଲ ପରିସରରେ ବଡ଼ବଡ଼ ଗାତ

### ମାସ ମାସ ଧରି ହେଉନି କାର୍ଯ୍ୟ; ଘଟୁଛି ଦୁର୍ଘଟଣା



ସୋସୋ, ୧୫।୨(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ବାଙ୍ଗୋର ହାଇସ୍କୁଲର ଇ. ଲାଇବ୍ରେରୀ, ବିଜ୍ଞାନ ପରୀକ୍ଷାଗାର, କମ୍ପ୍ୟୁଟର ଲ୍ୟାବ ଘର ନିର୍ମାଣ ପାଇଁ ସରକାର ଅନୁଦାନ ଯୋଗାଇ ଦେଇଥିଲେ। ଘର ନିର୍ମାଣ ଏକ ବର୍ଷରୁ ଅଧିକ ବିତିଯାଇଥିଲେ ବି ଠିକାଦାର କାର୍ଯ୍ୟ ଆରମ୍ଭ କରୁ ନଥିଲେ। ଏହାକୁ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭିନ୍ନ ବିଭାଗକୁ ଲିଖିତ ଜଣାଇବା ପରେ ଠିକାଦାର ତରବରିଆ ଭାବେ ଏକମାସ ତଳେ ଗାତ ଖୋଳି ଦେଇ ଆଉ ନିର୍ମାଣ କାର୍ଯ୍ୟକୁ କୌଣସି କାରଣରୁ ଆଗେଇ ନାହାନ୍ତି। ସେହି ଗାତରେ ଗୋରୁଗାଈ ଘସି ପଡୁଥିବା ଅଭିଯୋଗ ହୋଇଛି। ତା'ଛଡା ବିଦ୍ୟାଳୟ ପରିସରରେ ଗାତ ଖୋଳାଯାଇଥିବାରୁ ଛାତ୍ରଛାତ୍ରୀଙ୍କର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ସେହି ବିଦ୍ୟାଳୟରେ ଆବାସିକ ବିଦ୍ୟାଳୟ ଥିବାରୁ ଦିବାରାତ୍ର ଛାତ୍ରୀମାନେ ରହୁଥିବାରୁ ଦୁର୍ଘଟଣା ଘଟିବା ଆଶଙ୍କା ବୃଦ୍ଧି ପାଇଛି। ଜଣେ ଠିକାଦାର ଟେଣ୍ଡର ନେଇ ଏକ ବର୍ଷରୁ ଅଧିକ ହେବ କାର୍ଯ୍ୟ କରୁ ନଥିବାବେଳେ ଗାତ ଖୋଳି ଦେଇ ରଖିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ୨୧ ତାରିଖଠାରୁ ମେଟ୍ରିକ ପରୀକ୍ଷା ଆରମ୍ଭ ହେଉଛି। ବିପଦମୁକ୍ତ ପରିବେଶରେ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ପ୍ରଶାସନ ଉଦ୍ୟମ କରୁଥିବା ସମୟରେ ଏହି ହାଇସ୍କୁଲରେ ପରୀକ୍ଷାକେନ୍ଦ୍ର ଥିବାରୁ ଶିକ୍ଷକଙ୍କ ଚିନ୍ତା ବୃଦ୍ଧି ପାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଟେଣ୍ଡର ନେଇଥିବା ଠିକାଦାର କାର୍ଯ୍ୟାଦେଶକୁ ରଦ୍ଦ କରାଯାଇ ତାଙ୍କ ଜମାଅର୍ଥକୁ ଜରିମାନା ଆକାରରେ ନିଆଯାଇ ପୁନଃ ଟେଣ୍ଡର କରାଯାଇ ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବାକୁ ଅଭିଭାବକ ମହଲରେ ଦାବି ହୋଇଛି। ବ୍ଲକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏହି ସମ୍ପର୍କରେ କହିଛନ୍ତି, ତଦନ୍ତ କରି ସେ ପଦକ୍ଷେପ ନେବେ।

## କେନ୍ଦୁଝର ନର୍ସିଂ କଲେଜର ସ୍ୱାଗତ ସମ୍ବର୍ଦ୍ଧନା



କେନ୍ଦୁଝର, ୧୫।୨(ସମିସ): କେନ୍ଦୁଝର ସହର ଉପକଣ୍ଠ ଡିମ୍ବୋସ୍ଥିତ ରୋଟାରିୟାନ୍ ଇଂ ବସନ୍ତ କୁମାର ଦାନୀଙ୍କ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ନର୍ସିଂ କଲେଜ ଆନୁକୂଲ୍ୟରେ ଗତକାଲି ନୂତନ ଭାବେ ପ୍ରବେଶ କରିଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ରୋଟାରିୟାନ୍ ଇଂ ବସନ୍ତ କୁମାର ଦାନୀ, କେଏସ୍ଇ ପ୍ରିନ୍ସପାଲ ଇଂ ଅରୁଣ ପ୍ରକାଶ କାନୁନ୍‌ଗୋ, ଫାର୍ମାସୀ କଲେଜର ପ୍ରିନ୍ସପାଲ ଡ ପ୍ରଫୁଲ୍ଲ ସାହୁ, ଡାଇରେକ୍ଟର ସି.ଦେବ ଦାନୀ, ଆଡମିନିଷ୍ଟ୍ରେଟର ବିଭୁତି ଭୂଷଣ ସାହୁ ଏବଂ ନର୍ସିଂ ଇନ୍‌ଷ୍ଟିଚ୍ୟୁସନର ସମସ୍ତ ଅଧ୍ୟାପିକା ମିସ୍ ରିତୁପୂର୍ଣ୍ଣା ପ୍ରିୟଦର୍ଶିନୀ, ମିସ୍ ବବିତା ମହାନ୍ତ, ରାନୀମଣି ବାରିକଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କେନ୍ଦୁଝର ନର୍ସିଂ କଲେଜର ଉପର ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନେ ନୂତନ ପ୍ରବେଶ କରିଥିବା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଏବଂ ସେମାନଙ୍କ ମଧ୍ୟରେ କିଛି ଉପଯୋଗିତା ଖେଳ ମାଧ୍ୟମରେ ସେମାନଙ୍କୁ ନିଜ ପରିବାରର ସଦସ୍ୟ ଭଳି ଆପଣେଇ ନେଇଥିଲେ। ନୂତନ ପିଲାଙ୍କ ମଧ୍ୟରୁ ମିଷ୍ଟର ଫ୍ରେସର ଭାବେ ରଶ୍ମିରଞ୍ଜନ ମହାନ୍ତ ଏବଂ ମିସ୍ ଫ୍ରେସର ଭାବେ ପାୟଲ ସାହଙ୍କୁ ଘୋଷଣା କରାଯାଇ କେନ୍ଦୁଝର ନର୍ସିଂ କଲେଜ ପ୍ରିନ୍ସପାଲଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ମା' ବାରମାସୀ କପ୍ କ୍ରିକେଟ୍; ବଣିଆପଶି ବିଜୟୀ



ଆନନ୍ଦପୁର/ରାମଚନ୍ଦ୍ରପୁର, ୧୫।୨(ସମିସ): ପଥରପଦାଠାରେ ମା' ବାରମାସୀ କପ୍ କ୍ରିକେଟ୍ ପ୍ରତିଯୋଗିତାର ଦ୍ୱିତୀୟ ମ୍ୟାଚ ବଣିଆପଶି ଓ ଅଳତି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଣିଆପଶି ଟସ୍ ଜିଣି ବ୍ୟାଟିଂ ଆରମ୍ଭ କରି ୨୮ ଓଭରରେ ୬ ଉଇକେଟ ହରାଇ ୨୨୬ ରନ୍ କରିଥିବା ବେଳେ ଜବାବରେ ଅଳତି ୨୦ ଓଭରରେ ୭ ଉଇକେଟ୍ ହରାଇ ୧୮୧ ରନ୍ କରିଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ଶିବାନନ୍ଦ ବାରିକ ମନୋନୀତ ହୋଇଥିଲେ। ଖେଳକୁ ଅମ୍ପାୟାର ପିକୁନ ଚକ୍ର, ରମାକାନ୍ତ ସାହୁ, ଚିନ୍ମୟ ନାୟକ, ପବିତ୍ର ସ୍ୱାଇଁ, ସୁଶାନ୍ତ ଚକ୍ର ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ପରେଶ କୁଅଁର, ସମାଜସେବୀ ଶଙ୍କର୍ଷଣ ନାୟକ, କ୍ରୀଡ଼ାବିତ ବୁଲୁ ପଟ୍ଟନାୟକ ଯୋଗ ଦେଇଥିଲେ। ଆୟୋଜକ କମିଟିର ସଦସ୍ୟ ବାପି ବେହେରା, ସିପୁନା ମଲ୍ଲିକ, ପପୁ ମଲ୍ଲିକ, ଜଗୁ ମଲ୍ଲିକ, ସତିଆ ଜେନା, ଶୁଭମ୍ ସ୍ୱାଇଁ, ଶକ୍ତି ନାୟକ, ସୋମୁ ନାୟକ, ଆକାଶ ବେହେରା, ସଂଜୟ ବେହେରା, ସିପୁନ ବେହେରା, ଚିନୁ ନାୟକ, ଶେକ୍ ଆଫ୍ରିଦ୍ ଓ ମୁନା ଜେନା ପ୍ରମୁଖ ଖେଳରେ ସହଯୋଗ କରିଥିଲେ।

## ବଉଳା ଅଞ୍ଚଳର ବନ୍ଦ କ୍ରୋମାଇଟ୍ ଖଣିକୁ ଆରମ୍ଭ ପାଇଁ ଦାବି

ସୋସୋ, ୧୫।୨(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ଧନୁର୍ଜୟପୁର ପଞ୍ଚାୟତରେ ଥିବା ନୂଆସାହି କ୍ରୋମାଇଟ ଖଣି ଏବଂ ବଉଳା ଖଣି ୨୦୧୦ରୁ ସରକାରଙ୍କର ଆଇନ ଆଙ୍କୁଶରେ ବନ୍ଦ ହୋଇଯାଇଛି। ବର୍ତ୍ତମାନ ବିଧାନସଭା ଚାଲିଥିବାବେଳେ ବିଧାୟକ ଏହି ପ୍ରସଙ୍ଗକୁ ଉଠାଇବାକୁ ଦାବି ହୋଇଛି। ସେହିପରି ସାଂସଦ ବିଭିନ୍ନ ପ୍ରସଙ୍ଗ ଉଠାଇ ଜିଲ୍ଲାରେ ବିକାଶ କରିବାକୁ ପ୍ରୟାସ କରୁଥିବାବେଳେ ବଉଳା ଅଞ୍ଚଳର ଏହି ବନ୍ଦ ଖଣିକୁ ଆରମ୍ଭ କରିବା ଦିଗରେ ସଂସଦ ଅଧିବେଶନରେ ଦାବି କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

ଏହି ଦୁଇଟି ଖଣିରେ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରମିକ ନିଯୁକ୍ତି ହୋଇଥିବା ବେଳେ ବହୁ ବେକାରୀ ଯୁବକ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ଗୁଜୁରାଣ ମେଣ୍ଟାଉଥିଲେ। ବଉଳା ଅଞ୍ଚଳରେ ଦୋକାନ ବଜାର ଓ ହାଟ ଦିବାରାତ୍ର ଜନଗହଳି ହୋଇ ରହୁଥିଲା। ବିଭିନ୍ନ ବଜାରରେ ବ୍ୟବସାୟ ବୃଦ୍ଧି ପାଇଥିଲା। ଏହି ଅଞ୍ଚଳକୁ ରତ୍ନଗର୍ଭା କୁହାଯାଉଥିଲା। ଖଣିଗୁଡିକ ବନ୍ଦ ହୋଇଯିବାପରେ ଏହି ଅଞ୍ଚଳ ଶ୍ରୀହୀନ ହୋଇପଡ଼ିଛି। ବେକାରୀ ସମସ୍ୟା ଉତ୍କଟ ରୂପ ନେଇଛି। ଦୁଇଟି ଖଣି ରାଜନୈତିକ ଚାପରେ ପେଶି ହୋଇଯାଇଥିବା କୁହାଯାଉଥିବାବେଳେ ନିରୀହ ଶ୍ରମିକମାନେ କାର୍ଯ୍ୟ ନପାଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ପଳାଇଥିଲେ। ୧୨ ବର୍ଷରୁ ଅଧିକ ବିତିଯାଇଥିଲେ ବି ଖଣି ଆରମ୍ଭ କରିବାକୁ ଜିଲ୍ଲା ପରିଷଦ ସଭ୍ୟଠାରୁ ପଞ୍ଚାୟତ ସ୍ତରରେ ନିର୍ବାଚିତ ପ୍ରତିନିଧି ସ୍ୱର ଉଠାଇ ପାରିନାହାନ୍ତି।

ରାଜ୍ୟରେ ସରକାର ପରିବର୍ତ୍ତନ ପରେ କେନ୍ଦୁଝର ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ସାଂସଦ ମଧ୍ୟ ସରକାରୀ ଦଳରୁ ରହିଛନ୍ତି। ଏସିଆ ମହାଦେଶର ଉନ୍ନତମାନର କ୍ରୋମାଇଟ ବଉଳା ଅଞ୍ଚଳରେ ଗଚ୍ଛିତ ଥିବାବେଳେ ଭୂତଳ ଖଣିରୁ କ୍ରୋମାଇଟ ଉତ୍ତୋଳନ କରି ନିଜ ପରିଚୟ ସୃଷ୍ଟି କରିଥିଲା। ଏହି ରତ୍ନଗର୍ଭା ଅଞ୍ଚଳର ବନ୍ଦ କ୍ରୋମାଇଟ ଖଣିକୁ ଖୋଲିବାକୁ ପ୍ରମୁଖ ତିନି ରାଜନୈତିକ ଦଳ ଦାବି କରୁନାହାନ୍ତି। ଯାହାକୁ ନେଇ ରାଜନୈତିକ ଦଳର କର୍ମକର୍ତ୍ତା ନିର୍ବାଚିତ ପ୍ରତିନିଧିଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆନନ୍ଦପୁର ଉପଖଣ୍ଡର ଖଣିଜ ସମ୍ପଦ ବଉଳା ଅଞ୍ଚଳରେ ଗଚ୍ଛିତ। ବନ୍ଦ କ୍ରୋମାଇଟ ଖଣିକୁ ପୁନଃଚାଲୁ କରାଯାଇ ନିଯୁକ୍ତି ସୃଷ୍ଟି କରାଯିବା ସହ ଏହି ଅଞ୍ଚଳର ଗରିବ ଲୋକଙ୍କ ମୁହଁରେ ହସ ଫୁଟାଇବାରେ ନେତାମାନେ ବ୍ୟାର୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ବିଧାୟକ ବିଧାନସଭାରେ ଦାବି କରି ନଥିବାବେଳେ ସାଂସଦ ମଧ୍ୟ ସଂସଦରେ ଦାବି ଉଠାଇ ନାହାନ୍ତି। ସାଂସଦଙ୍କର ଭୋଟର ଏହି ଅଞ୍ଚଳରେ ଅଧିକମାତ୍ରାରେ ଥିବାବେଳେ ଏଥିପ୍ରତି ଦୃଷ୍ଟି ନପଡିବା ଚର୍ଚ୍ଚା ହେଉଛି। ଏହି ଅଞ୍ଚଳର ବନ୍ଦ ଥିବା କ୍ରୋମାଇଟ ଖଣିକୁ ଆରମ୍ଭ କରା ନଯିବା ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସରପଞ୍ଚ ରାଜକିଶୋର ଦାସ, ନିରୁପମା ପାତ୍ର, ତୈଲୋଚନ ନାୟକ, ରାଜେନ୍ଦ୍ର ରାଉତ, ବରିଷ୍ଠ ମଞ୍ଚ ସଭାପତି ପର୍ଶୁରାମ ପେଡା, ସମ୍ପାଦକ ମୋହନ ମହାନ୍ତି, ନୃସିଂହ ଦେହୁରୀ, ନରହରି ପାତ୍ର, ବାବୁଲି ସିଂହ, ବିନୟ ସିଂ, ହରିହର ପାତ୍ର, ବ୍ରଜ ଭୋଇ, ରବି ବିଶ୍ୱାଳ, ବିନୟ ବିଶ୍ୱାଳ, ବିଦ୍ୟାଧର ପୁହାଣ, ରକ୍ଷାକର ଜେନା ପ୍ରମୁଖ ବହୁ ଜନପ୍ରତିନିଧି ଏହି ଦାବିକୁ ପୁଣି ଥରେ ଉଠାଇ ଅଞ୍ଚଳର ବିକାଶକୁ ପ୍ରାଧାନ୍ୟ ଦେବାକୁ ଦାବି କରିଛନ୍ତି।

## ସଢ଼ା ସମବାୟ ସମିତି ସମ୍ପାଦକ ବହିଷ୍କୃତ



ହାଟଡିହୀ/ସୋସୋ, ୧୫।୨(ସମିସ): ହାଟଡ଼ିହୀ ବ୍ଲକ୍ ସଢ଼ା ସମବାୟ ସମିତିର ପରିଚାଳନା କମିଟି ଆଦେଶ ବଳରେ ସମିତି ସମ୍ପାଦକ ଦୀନବନ୍ଧୁ ଜେନାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ବିଭିନ୍ନ ଅନିୟମିତତା ଏବଂ ସମିତି ଅନୁଦାନ ହେରଫେର ନେଇ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଓଡ଼ିଶା ଆରସିଏସ ରୁଲ୍ ୧୮(ଏ) ଆଧାରରେ ମ୍ୟାନେଜମେଣ୍ଟ କମିଟି ଆଦେଶ ନଂ, ୩୮/୭ ଫେବୃଆରୀ ୨୦୨୫ ଅନୁସାରେ ସମ୍ପାଦକ ଦୀନବନ୍ଧୁଙ୍କୁ ବହିଷ୍କୃତ କରାଯାଇଛି। ପୂର୍ବରୁ ବିଭିନ୍ନ ଅନିୟମିତତା ଅଭିଯୋଗରେ ଦୀନବନ୍ଧୁ ୨ ଥର ନିଲମ୍ବିତ ମଧ୍ୟ ହୋଇଥିଲେ। ସୂଚନାଯୋଗ୍ୟ, ଦୀନବନ୍ଧୁଙ୍କୁ ୨୦୨୦-୨୧ ବର୍ଷରେ ଚାଷୀ ପଞ୍ଜୀକରଣରେ ଅନିୟମିତତା ନେଇ ସମିତି ପ୍ରଶାସକଙ୍କ ଆଦେଶ ନଂ. ୭/୮ ଜାନୁଆରୀ ୨୦୨୧ରେ ପ୍ରଥମେ ନିଲମ୍ବିତ କରାଯାଇଥିଲା। ଫର୍ଟିଲାଇଜର (ଉର୍ବରକ) ବାବଦରେ ୩ଲକ୍ଷ ୧୩ହଜାର ୭୩୫ଟଙ୍କା ହେରଫେର ନେଇ ସମିତି ସଭାପତି ଆଦେଶ ନଂ. ୧୪୨/୧୯.୧୧.୨୦୨୨ରେ ଆଉ ଥରେ ତାଙ୍କୁ ନିଲମ୍ବିତ କରିଥିଲେ। ଏଥିସହ ୨୦୨୨-୨୩ ଫାଇନାଲ ଅଡିଟ ରିପୋର୍ଟ ଅନୁସାରେ ୧୨ଲକ୍ଷ ୯୧ହଜାର ୫୬୧ଟଙ୍କା ହେରଫେର କରିଥିବା ଦର୍ଶାଯାଇଛି। ଗତ ୨୦୨୪ବର୍ଷରେ ଫର୍ଟିଲାଇଜର (ଉର୍ବରକ) ଏବଂ ବିହନ ବାବଦରେ ୩ ଲକ୍ଷ ୫୭ ହଜାର ୩୧୨ ଟଙ୍କା ହେରଫେର କରିଥିଲେ। ଯାହାକି ଉକ୍ତ ଆଦେଶପତ୍ରରେ ଉଲ୍ଲେଖ ରହିଛି। ତେବେ ସମ୍ପାଦକ ଦୀନବନ୍ଧୁ ପ୍ରଦାନ କରିଥିବା ଲିଖିତ ଚୁକ୍ତିନାମା ଅନୁସାରେ ଧାର୍ଯ୍ୟ ସମୟରେ ଫର୍ଟିଲାଇଜର (ଉର୍ବରକ) ଏବଂ ବିହନ ବାବଦରେ ହେରଫେର ଟଙ୍କା ଜମା କରି ନଥିଲେ। ଫଳରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସମ୍ପାଦକ ଦୀନବନ୍ଧୁ ଜେନା କହିଛନ୍ତି, ଚାକିରିରୁ ବହିଷ୍କାର ନେଇ ସେ କୌଣସି ଆଦେଶପତ୍ର ପାଇନାହାଁନ୍ତି। ଲିଖିତ ଚୁକ୍ତିନାମା ଅନୁସାରେ ଟଙ୍କା ଜମା କରିନାହାନ୍ତି କିନ୍ତୁ ପ୍ରାୟ ୨ ଲକ୍ଷ ଟଙ୍କା ଜମା କରିବାକୁ ପଡ଼ିବ। ଆସନ୍ତା ୨ ଦିନ ମଧ୍ୟରେ ଜମା କରିଦେବେ ବୋଲି ସେ ପ୍ରତିକ୍ରିୟା ଦେଇଛନ୍ତି।

## ଅନ୍ଧାରିମାଝୀ ସାହି ଫୁଟ୍‌ବଲ: ଲିଲି ଏଫ୍‌ସି ଚାମ୍ପିଅନ



ସୋସୋ, ୧୫।୨(ସମିସ): ହାଟଡିହି ବ୍ଲକ ପଢିଆରିପଲି ପଞ୍ଚାୟତ ଅନ୍ଧାରିମାଝୀ ସାହିରେ ତିଲକ ମାଝୀ ମିନି ଷ୍ଟାଡିୟମରେ ୧୬ତମ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨ଟି ଆଦିବାସୀ ଟିମ ଭାଗ ନେଇଥିବାବେଳେ ଲିଲିଏଫସି ଓ ଯାଜପୁର ମଧ୍ୟରେ ଅନୁଷ୍ଠିତ ଫାଇନାଲରେ ଲିଲିଏଫସି ଚାମ୍ପିଅନ ହୋଇଛି। ଏହି ଖେଳ ସମୟରେ କୁନି କୁନି ପିଲାଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଅତିଥି ଭାବେ ସରପଞ୍ଚ ଅଜିତ ରାଉତ, ଅମୂଲ୍ୟ ମିଶ୍ର, ସମିତିସଭ୍ୟାଙ୍କ ପ୍ରତିନିଧି ବଳରାମ ଗିରି, ଗୋପାଳ ରାଉତ ପ୍ରମୁଖ ୧୨ଟି ଜିଲ୍ଲାର ପ୍ରତିଭାଗୀ ଦଳକୁ ପ୍ରଶଂସା କରିବା ସହ କ୍ଲବର ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। କ୍ଲବର ସମ୍ପାଦକ ଗଙ୍ଗାରାମ ସୁରେନ୍, ସଭାପତି ରମେଶ ସୁରେନ୍, ଜୟରାମ ମୁର୍ମୁ, ଶଙ୍କର ହାସଦା ପ୍ରମୁଖ ପରିଚାଳନା କରିଥିଲେ। ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ପୁରୁଣାପାଣି ଘରପୋଡ଼ି ଅଭିଯୁକ୍ତ ଗିରଫ



ହାଟଡ଼ିହୀ, ୧୫।୨(ସମିସ): ସୋସୋ ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତକାଲି ରାତ୍ର ସମୟରେ କାଠି ଶଙ୍ଖୁଆଳଙ୍କ ଘରେ ନିଆଁ ଲାଗି ୨ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ପୂର୍ବ ଶତ୍ରୁତା କାରଣରୁ କାଠି ଶଙ୍ଖୁଆଳଙ୍କ ଘରେ ଗ୍ରାମର ରବିନ୍ଦ୍ର ଖଣ୍ଡୁଆଳ ନାମକ ବ୍ୟକ୍ତି ଜଣକ ନିଆଁ ଲଗାଇ ଦେଇଥିବା ନେଇ କାଠି ଶଙ୍ଖୁଆଳ ଶନିବାର ସକାଳେ ସୋସୋ ଥାନାର ଦ୍ୱାରସ୍ଥ ହୋଇ ରବିନ୍ଦ୍ର ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାରକରି ସୋସୋ ପୁଲିସ ଏକ ଅପରାଧୀକ ମାମଲା ରୁଜୁକରି ଅଭିଯୁକ୍ତ ରବୀନ୍ଦ୍ର କୁମାର ଖଣ୍ଡୁଆଳକୁ ଗିରଫ କରିଛି। ତା'ର ଡ଼ାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିଥିବା ନେଇ ଥାନାଧିକାରୀ ବିଜୟ ବିହାରୀ ସୂଚନା ଦେଇଛନ୍ତି।

## ହାଟଡିହି ବ୍ଲକ୍: ୨୨୬୧ ଛାତ୍ରଛାତ୍ରୀଙ୍କ ପାଇଁ ୧୪ଟି ପରୀକ୍ଷାକେନ୍ଦ୍ର

ସୋସୋ, ୧୫।୨(ସମିସ): ରାଜ୍ୟରେ ଆସନ୍ତା ୨୧ ତାରିଖଠାରୁ ମେଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବାବେଳେ ହାଟଡିହି ବ୍ଲକର ୧୪ଟି ପରୀକ୍ଷା କେନ୍ଦ୍ରରେ ୨୨୬୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ହାଟଡିହି ହାଇସ୍କୁଲଟି ନୋଡାଲ ସେଣ୍ଟର ଥିବା ବେଳେ ଏଠାରେ ୧୯୮ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ମୁଗୁପୁର ପରୀକ୍ଷା କେନ୍ଦ୍ର ୧୩୭ ଜଣ, ଜପିଦାସ ବିଦ୍ୟାମନ୍ଦିର ବଡରମ୍ପାସରେ ୧୪୯ ଛାତ୍ରଛାତ୍ରୀ, ଆରବି ହାଇସ୍କୁଲ ସଡଙ୍ଗରେ ୧୮୨ଜଣ ଛାତ୍ରଛାତ୍ରୀ, ଟିଏମ ଏକାଡେମୀ ଡଅଁର ୨୧୫ ଜଣ ଛାତ୍ରଛାତ୍ରୀ, କପିଳେଶ୍ୱର ହାଇସ୍କୁଲ କଳିଙ୍ଗା ୧୮୧ ଛାତ୍ରଛାତ୍ରୀ, ପଞ୍ଚାୟତ ହାଇସ୍କୁଲ ମରେଇଗାଁ ୧୦୪ ଜଣ ଛାତ୍ରଛାତ୍ରୀ, ବରାହୀ ହାଇସ୍କୁଲ ବଞ୍ଚୋ ୧୩୬ ଜଣ ଛାତ୍ରଛାତ୍ରୀ, ଢେଙ୍କା ହାଇସ୍କୁଲରେ ୧୨୯ ଜଣ ଛାତ୍ରଛାତ୍ରୀ, ବାଲିବରେଇ ହାଇସ୍କୁଲ ୧୩୭ ଛାତ୍ରଛାତ୍ରୀ, ବାଙ୍ଗୋର ହାଇସ୍କୁଲ ୧୯୧ ଛାତ୍ରଛାତ୍ରୀ, ବାଲୁକେଶ୍ୱର ସୋସୋ-କାନପୁର ୧୨୪ ଜଣ ଛାତ୍ରଛାତ୍ରୀ, ଏମସି ବିଦ୍ୟାମନ୍ଦିର ନନ୍ଦିପଦା ହାଟର ୨୦୨ ଛାତ୍ରଛାତ୍ରୀ, ବାଙ୍ଗୋର ବାଳିକା ହାଇସ୍କୁଲ ୧୮୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ଓରାଳି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ସଂସ୍କୃତ ବିଦ୍ୟାଳୟର ୪୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଯାହାକି ୧୪ଟି ପରୀକ୍ଷା କେନ୍ଦ୍ରରେ ୨୨୬୧ ଜଣ ପରୀକ୍ଷା ଦେଉଥିବାବେଳେ ସଂସ୍କୃତ ବିଦ୍ୟାଳୟରୁ ୪୧ ଜଣ ପରୀକ୍ଷା ଦେଉଛନ୍ତି।

## ଫେରାର୍ ଅଭିଯୁକ୍ତ ଗିରଫ



ହାଟଡ଼ିହୀ,୧୫।୨(ସମିସ): ସୋସୋ ଥାନା ଅନ୍ତର୍ଗତ ବଙ୍ଗୋର ଗ୍ରାମର ଜଣେ ପ୍ରାପ୍ତ ବୟସ୍କା ମହିଳାଙ୍କୁ ଆକ୍ରମଣ କରିବା ଘଟଣାରେ ଗତ ୧ବର୍ଷ ଧରି ଫେରାର ଥିବା ଆସାମୀକୁ ଶନିବାର ଅପରାହ୍ଣରେ ପୁଲିସ ଗିରଫ କରିଛି। ଗତବର୍ଷ ବଙ୍ଗୋର ଗ୍ରାମର ହରପ୍ରିୟା ପାତ୍ରଙ୍କୁ ଗ୍ରାମର ଭାଗୀରଥି ପାତ୍ର (୪୮) ମାଡ଼ ମାରି ମହିଳାଙ୍କ ଏକ ହାତକୁ ହାଣି ଦେଇଥିଲା। ଏଭଳି ଅମାନୁଷିକ କାଣ୍ଡ ଘଟାଇ ସେ ଦୀର୍ଘ ୧ ବର୍ଷ ଧରି ଫେରାର ଥିଲା। ଭାଗୀରଥି ନାମରେ ଏକ ଅପରାଧିକ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଥିଲା। ସେ ଗାଁକୁ ଆସିଥିବା ଖବର ପାଇ ସୋସୋ ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଥାନାଧିକାରୀ ବିଜୟ ବିହାରୀ କହିଛନ୍ତି।

## ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ସମାରୋହ



କେନ୍ଦୁଝର, ୧୫।୨(ସମିସ): ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ମହିଳା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ପଦ୍ମଶ୍ରୀ ଦୈତାରୀ ନାଏକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ବିମ୍ବାଧର ବେହେରା, ପ୍ରାଧ୍ୟାପକ ବିଷ୍ଣୁଚରଣ ଦାସ, ଛାତ୍ରୀ ପ୍ରତିନିଧି ପ୍ରିୟଙ୍କା ମୁଖାର୍ଜୀ ଅଭିଭାଷଣ ରଖିଥିଲେ। ସହକାରୀ ପ୍ରାଧ୍ୟାପକ ଡ. ରାମଚନ୍ଦ୍ର ମଲ୍ଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ପ୍ରତିନିଧି ପ୍ରିୟଙ୍କା ମୁଖାର୍ଜୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ଦର୍ଶକ ଏବଂ ଅତିଥିଙ୍କ ମନ ମୋହିଥିଲେ ଶିକ୍ଷାନୁଷ୍ଠାନର ଛାତ୍ରୀମାନେ।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ତେଲକୋଇ, ୧୫।୨(ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟଠାରେ ଥିବା ଚାରିଗଡ଼ ଡ଼ିଗ୍ରୀ ମହାବିଦ୍ୟାଳୟର ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦଯାପିତ ହୋଇଯାଇଛି। ଏଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ମାନଗୋବିନ୍ଦ ସାହୁ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପାଣ୍ଡବ ଚରଣ ସାହୁ ସଭାପତିତ୍ୱ କରିଥିଲେ। ୮ଦିନିଆ ଏହି ଶିବିରକୁ ମୋନାଲିଜା ପ୍ରଧାନ ଓ ରଶ୍ମିତା ପଟେଲ ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଲକ୍ଷ୍ମୀଧର ଜେନା, ସଂଜୟ ଦେହୁରୀ, ପଙ୍କଜ ମିଶ୍ର, ଟୁନାରାମ ମହାନ୍ତ ତଥା ଅଧ୍ୟାପିକା ପାର୍ବତୀ ସାହୁ, ସ୍ମୃତି ଦାସ ତାଲିମପ୍ରାପ୍ତ ଜ୍ୟୋତିର୍ମୟୀ ବେହେରା ଛାତ୍ରୀଙ୍କ ଶୃଙ୍ଖଳାକୁ ପ୍ରଶଂସା କରିଥିଲେ।

### ରାଜ୍ୟସ୍ତରୀୟ କୁଶ ପଟ୍ଟନାୟକ ଫୁଟ୍‌ବଲ୍

# ଭୁବନେଶ୍ୱରକୁ ହରାଇ ଭଦ୍ରକ ଚାମ୍ପିଅନ୍

ଆନନ୍ଦପୁର, ୧୫।୨(ସମିସ)

ଆନନ୍ଦପୁର ଷ୍ଟାଡିୟମ ପଡିଆଠାରେ ଗତ ୧୦ ତାରିଖଠାରୁ ଆରମ୍ଭ ହୋଇଥିବା ପଞ୍ଚମ ରାଜ୍ୟସ୍ତରୀୟ କୁଶରଂଜନ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଶନିବାର ୟୁନିଟ୍ ୬ ଭୁବନେଶ୍ୱରକୁ ହରାଇ ବାଦଲ ଏକାଡେମୀ ଭଦ୍ରକ ଚାମ୍ପିଅନ୍ ହୋଇଛି। ଶେଷାର୍ଦ୍ଧ ପର୍ଯ୍ୟନ୍ତ ଖେଳ ଅମୀମାଂସିତ ରହିଥିଲା। ଟ୍ରାଇବ୍ରେକର ପଦ୍ଧତିରେ ୫-୪ ଗୋଲରେ ଭଦ୍ରକ ବିଜୟୀ ହୋଇଥିଲା। ଆନନ୍ଦପୁର କ୍ରୀଡ଼ା ସଂସଦ



ଆନୁକୂଲ୍ୟରେ ପଟ୍ଟନାୟକ ପରିବାର ପକ୍ଷରୁ ଆୟୋଜିତ ଏହି ମ୍ୟାଚରେ ଆନନ୍ଦପୁର ଥାନାଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, ଘସିପୁରା ଥାନାଧିକାରୀ ମାନସ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଜିର ମ୍ୟାଚରେ ଭଦ୍ରକର ୧୨ ନମ୍ବର ଖେଳାଳି ହାତୁ ହାସଁଦା ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। କ୍ରୀଡ଼ା ସଂସଦର ସଂପାଦକ ନବରଂଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମ୍ୟାଚକୁ ରେଫରି ରୋଶନ ଖାନ୍, ଚନ୍ଦନ ସାହୁ, ଅଏସକାନ୍ତ ସ୍ୱାଇଁ, ଶିବପ୍ରସାଦ ସାମନ୍ତରାୟ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳାଳି ବିଚାରକ ଭାବେ ବିନୋଦ ବିହାରୀ ମିଶ୍ର ଓ ଗଗନ ସିଂ ଦାୟିତ୍ୱ ନିର୍ବାହ କରିଥିଲେ। କ୍ରୀଡ଼ା ସଂସଦର କର୍ମକର୍ତ୍ତା ମନରଂଜନ ପଟ୍ଟନାୟକ, ମୁରଲୀଧର ମିଶ୍ର, ଅକ୍ଷୟ ମହାନ୍ତି, ରମେଶ ସିଂ, ଦେବବ୍ରତ କରନ, ପ୍ରସନ୍ନ କୁମାର ରାଉତ, ବିରଜା ନାୟକ, ବସନ୍ତ ସାହୁ, ମାର୍କଣ୍ଡ ସାମଲ, ଅଶୋକ ରାଉଳ, ଅଖିଳ ପଟ୍ଟନାୟକ, ଲୋକନାଥ ସିଂ, ବୁଲୁ ପଟ୍ଟନାୟକ, ମନରଂଜନ ସିଂ, ସୁଦର୍ଶନ ରଣା, ଦେବେନ୍ଦ୍ର ମିଶ୍ର, ପ୍ରସନ୍ନ ସିଂ, ପ୍ରଦୀପ ହଜାରୀ, ଜ୍ୟୋତିରଂଜନ ଜେନା, ଗୋପରଂଜନ ପାଣି, ଲୁଲୁ ଚାନ୍ଦ, ବାଇଧର ସେଠୀ, ଅଜୟ ସେଠୀ ପ୍ରମୁଖ ଖେଳରେ ସହଯୋଗ କରିଥିଲେ।

## ମା' ହିଙ୍ଗୁଳାଙ୍କ ବାର୍ଷିକ ବଡ଼ପୂଜା; ୮ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

# କଉଡ଼ଖଣୀ ଓ ଛେଳିଆ ପୀଠ ଚଳଚଞ୍ଚଳ



ବଡ଼ସାହି, ୧୫।୨(ସମିସ): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ତଥା ମୟୂରଭଞ୍ଜ ଜିଲ୍ଲା ବଡସାହି ବ୍ଲକ କଉଡଖଣି ଶାଳ ଜଙ୍ଗଲ ଓ ଛେଳିଆ ପୀଠରେ ପୂଜା ପାଉଥିବା ପ୍ରତ୍ୟକ୍ଷ ଦେବୀ ମା' ହିଙ୍ଗୁଳାଙ୍କ ବାର୍ଷିକ ବଡପୂଜା ଶନିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜନସମାଗମ ହୋଇଥିଲା। ବିଶେଷକରି ବଡସାହି, ଦେଉଳିଆ, ମାଙ୍କଡକେନ୍ଦା ଓ ପଳସା ପର୍ଯ୍ୟନ୍ତ ଲୋକଙ୍କ ଭିଡ ଲାଗି ରହିଛି। ବଡସାହି

### 'ଜୟ ମା' ହିଙ୍ଗୁଳା' ଧ୍ୱନିରେ ମେଳା ପଡ଼ିଆ ପ୍ରକମ୍ପିତ

ଛକରୁ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯାଇଛି। ବ୍ୟାରିକେଡରେ ଭକ୍ତମାନେ ମା'ଙ୍କୁ ଦର୍ଶନ କରିଥିଲେ। ପୀଠରେ ପ୍ରତିଷ୍ଠା ହୋଇଥିବା ହିଙ୍ଗୁଳାଙ୍କ ଇଷ୍ଟଦେବ ଜଗନ୍ନାଥ ମନ୍ଦିର ଓ ଶ୍ରୀରାମ, ମାଆ ସୀତା, ଲକ୍ଷ୍ମଣ ଓ ହନୁମାନଙ୍କ ମନ୍ଦିର ଏବଂ ମାଆଙ୍କ ଭୈରବ ଶ୍ରୀ ଭୀମେଶ୍ୱର ମହାଦେବଙ୍କୁ ଦର୍ଶନ କରି ମା' ହିଙ୍ଗୁଳାଙ୍କୁ ଦର୍ଶନ କରିବାର ସୁଯୋଗ ପାଇଛନ୍ତି ଭକ୍ତ। ଶନିବାର ବଡପୂଜା ଦିନ ପ୍ରତ୍ୟୁଷ ୪ଟା ୪୫ ମିନିଟରେ ମଙ୍ଗଳ ଆଳତୀ, ୫ଟା ୧୫ରେ ମହାସ୍ନାନ ଓ ୬ଟାରେ ବେଶ ଓ ସୂର୍ଯ୍ୟପୂଜା ଅନୁଷ୍ଠିତ ହେବା ପରେ ୭ ଘଟିକା ପାଖରୁ ଯଜ୍ଞ ଆରମ୍ଭ ସର୍ବସାଧାରଣ ଦର୍ଶନ, ଷୋଡଶ ଉପଚାର ପୂଜା, ଚଣ୍ଡିପାଠ ଆରମ୍ଭ ହୋଇ ଦିନତମାମ ଚାଲିବାକୁ ଥିବାବେଳେ ଅପରାହ୍ନ ୪ଟା ୧୫ରେ ମା'ଙ୍କ ଚଳନ୍ତି ବିଗ୍ରହ ପାର୍ଶ୍ୱ ଦେବାଦେବୀଙ୍କ ସହିତ ଯଜ୍ଞକୁଣ୍ଡକୁ ବିଜେ



କରିଥିଲେ। ପରେ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ କରାଯାଇ ପୂର୍ଣ୍ଣାହୂତି କରାଯାଇଛି। ସେହି ସମୟରେ 'ଜୟ ମା' ହିଙ୍ଗୁଳା' ଧ୍ୱନିରେ ମେଳା ପଡ଼ିଆ ପ୍ରକମ୍ପିତ ହୋଇ ଉଠିଛି। ଦୀର୍ଘ ୪ଦିନ ଧରି ଏହି ମେଳା ଖୁବ ଜାକଜକମରେ ପାଳିତ ହୋଇଯାଇଛି। ମା'ଙ୍କ ଏହି ବଡପୂଜାରେ ସୁହାଗପୁର, କଉଡଖଣୀ ଶାଳୁଆ ଜଙ୍ଗଲରେ ଅବସ୍ଥିତ ମା' ହିଙ୍ଗୁଳାଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ମୟୂରଭଞ୍ଜ ସମେତ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଜିଲ୍ଲା ସହିତ ପଡୋଶୀ ଝାଡଖଣ୍ଡ, ପଶ୍ଚିମବଙ୍ଗ, ବିହାର ରାଜ୍ୟରୁ ଭକ୍ତଙ୍କ ସମାଗମ ହୋଇଥିଲା। ହଜାର ହଜାର ବିଭିନ୍ନ ପ୍ରକାର ଉଠା ଦୋକାନ ନିଜର ପସରା ମେଲାଇ ବସିଛନ୍ତି। ଗତ ୧୨ ଓ ୧୩ ତାରିଖ ସନ୍ଧ୍ୟାରେ ଭଜନ ନୃତ୍ୟ ଓ ଭଜନ ସନ୍ଧ୍ୟା ପରିବେଷଣ ହୋଇଥିଲା। ଶାନ୍ତିଶୃଙ୍ଖଳା ନିମନ୍ତେ ଜଣେ ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ୫ପ୍ଲାଟୁନ ଫୋର୍ସ, ୩ଜଣ ଡିଏସପି, ୮ଜଣ ଇନିସପେକ୍ଟର, ୨୮ଜଣ ଅଫିସର, ୪୦ ହୋମଗାର୍ଡ ସହିତ ଅଫିସର ଦାୟିତ୍ୱରେ ରହିଛନ୍ତି। ରାସ୍ତାରେ ଟ୍ରାଫିକ୍ ସହିତ ଯାନବାହାନ ଗୁଡିକୁ ସୁନିୟନ୍ତ୍ରିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଆମ୍ବୁଲାନ୍ସ, ଦମକଳଗାଡି, ପୁଲିସ, ବନବିଭାଗ ଓ ଭିଭିଆଇପି ଗାଡି ବ୍ୟତୀତ ମେଳା ଭିତରକୁ ଅନ୍ୟ ଯାନବାହାନ ଚଳାଚଳକୁ ବାରଣ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ସମସ୍ତ କମିଟିର ସଦସ୍ୟ, ସ୍ୱେଚ୍ଛାସେବୀ, ଆମ୍ଭ ଭଗବାନ ପିଲାମାନଙ୍କ ସହିତ ସମସ୍ତ ବିଭାଗର ପ୍ରଶାସନ ତଥା ଜନସାଧାରଣଙ୍କୁ ମୁଖ୍ୟ ଟ୍ରଷ୍ଟି ସୁନୀଲ ଦାଶ ଧନ୍ୟବାଦ ଦେଇଛନ୍ତି।

## ଉଦଳା ପ୍ରେସ କ୍ଲବର ନୂତନ କାର୍ଯ୍ୟକର୍ତ୍ତା



ଉଦଳା, ୧୫।୨(ସମିସ): ଉଦଳା ପ୍ରେସ କ୍ଲବ ପରିସରରେ ଶୁକ୍ରବାର ଏକ ସାଧାରଣ ପରିଷଦ ବୈଠକ ବରିଷ୍ଠ ସାମ୍ବାଦିକ ଆନନ୍ଦ ଦାସଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉଦଳା ଅଞ୍ଚଳରେ ବିଭିନ୍ନ ସମସ୍ୟା ଓ ମୌଳିକ ଅଧିକାର ନେଇ କଲମ ଚାଳନା କରିଆସୁଥିବା ସାମ୍ବାଦିକଙ୍କ ସୁରକ୍ଷା ଓ ଅଧିକାର ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଆନନ୍ଦ ଦାସ, ଉପସଭାପତି ହିମାଦ୍ରୀ ଶେଖର ପାଲ, ସମ୍ପାଦକ ଜଗବନ୍ଧୁ ପ୍ରଧାନ, ସହ ସମ୍ପାଦକ କରୁଣାକର ଦାସ, କୋଷାଧ୍ୟକ୍ଷ ଭାବେ ସୁରେଶ୍ୱର ଜେନା ମନୋନୀତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ଅରୁଣ ମହାନ୍ତି ଓ ସନ୍ତୋଷ ବେହେରାଙ୍କୁ ସାମିଲ କରାଯାଇଥିଲା। ସଲାଏ ମାରାଣ୍ଡି ସଂଗଠନ ସମ୍ପାଦକ ଓ ସୁବ୍ରତ ମହାନ୍ତି ଆବାହକ ଭାବେ ମନୋନୀତ ହୋଇଥିଲେ।

## ଏମ୍‌ସିଏମ୍‌ରେ ଆଲୋଚନାଚକ୍ର



ବାରିପଦା, ୧୫।୨(ସମିସ): ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ସାଇନ୍ସ ସୋସାଇଟିର ମୁଖ୍ୟ ଅଧ୍ୟାପିକା ରୂପାମଞ୍ଜରୀ ବେହେରାଙ୍କ ପୌରୋହିତ୍ୟରେ ନାକ୍-ସଚେତନତା ଓ ଅଧିସ୍ୱୀକୃତି ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ଼. ହରିଦାସ ମହାନ୍ତ ନାକ ମୂଲ୍ୟାୟନର ନିର୍ଦ୍ଧାରଣ ମାନକ ଉପରେ ବିଶେଷ ଆଲୋଚନା କରିଥିଲେ। ଏହା ବ୍ୟତୀତ ଶୃଙ୍ଖଳା, ଛାତ୍ର ଶିକ୍ଷକ ଅନୁପାତ, ଗବେଷଣା ପତ୍ର, ପ୍ରକାଶନ, କୃତିତ୍ୱ ଓ ପୁରସ୍କାର, ନିଯୁକ୍ତି କାରକ ଆଦି ନାକ ସ୍ୱୀକୃତି ପାଇଁ ଆବଶ୍ୟକ ବୋଲି ମଧ୍ୟ ବୁଝାଇଥିଲେ। ଅଧ୍ୟାପିକା ଅଭିପ୍ସା ନାୟକ ଅତିଥି ପରିଚୟ ଦେଇଥିଲେ। ଆଇକ୍ୟୁଏସି ସେଲ ସଂଯୋଜକ ଅଧ୍ୟାପକ ଡ଼. ଜିତେନ୍ଦ୍ର କୁମାର ଦାସ ପୂର୍ବରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ସଂଶୟ ମୂଳକ ପ୍ରଶ୍ନ ଗୁଡିକ ଉପସ୍ଥାପନ କରିଥିଲେ। ଧାପିକା ମୀରା ସେନାପତି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଉତ୍ତମ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ



ବାରିପଦା, ୧୫।୨(ସମିସ): ମୟୂରଭଞ୍ଜ ମାଟିର ପୁଅ ତଥା ଓଡ଼ିଆ ସିନେ ଜଗତର ବର୍ଷିୟାନ ଅଭିନେତା ଉତ୍ତମ ମହାନ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ଦିଲ୍ଲୀରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ଜାରି ରହିଛି। ତାଙ୍କର ଆଶୁ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା କରାଯାଇଛି। ଶୀଘ୍ର ସୁସ୍ଥ ହୋଇ ଜନ୍ମମାଟିକୁ ଫେରି ଆସନ୍ତୁ ବୋଲି କାମନା କରି ଗୁରୁବାର ସଂଧ୍ୟାରେ ଦୀପଦାନ କରାଯାଇଛି। ବାରିପଦାର କୁମାର ଉତ୍ସବ ଅନୁଷ୍ଠାନ ପକ୍ଷରୁ ଅଭିନେତା ଅସିତ ପତିଙ୍କ ପୌରହିତରେ ଆଶୁ ଆରୋଗ୍ୟ କାମନା କରି ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଶ୍ରୀ ଶ୍ରୀ ହରି ବଳଦେବ ଜୀଉ ମନ୍ଦିରରେ ଜଗନ୍ନାଥଙ୍କ ନିକଟରେ ଦ୍ୱୀପ ଜାଳି ପୂଜାର୍ଚ୍ଚନା କରିଛନ୍ତି। ସମସ୍ତଙ୍କ ପ୍ରିୟ ଅଭିନେତା ପୁଣି ଥରେ ସୁସ୍ଥ ହୋଇ ଚଳଚିତ୍ର ଜଗତକୁ ଫେରନ୍ତୁ ବୋଲି କାମନା କରିଛନ୍ତି।

## ଭଞ୍ଜସେନା ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଉଦଳା, ୧୫।୨(ସମିସ): ଭଞ୍ଜସେନ ଉଦଳା ପକ୍ଷରୁ ଆଜି କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯୁବ ନେତା ରାକେଶ ପଣ୍ଡାଙ୍କ ନେତୃତ୍ୱରେ ବହୁ ଯୁବକ ସାମିଲ ହୋଇଥିଲେ। ଦାବିପତ୍ରରେ ମା' ଅମ୍ବିକାଙ୍କ ପୀଠ ଦେବକୁଣ୍ଡକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା, ଦେବକୁଣ୍ଡ ସହିତ କପ୍ତିପଦା ଉପଖଣ୍ଡରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ସୁନେଇବନ୍ଧ, କାଳବନ୍ଧ, ସମୀବୃକ୍ଷ, ମାଛକାନ୍ଦଣା, ଚିଙ୍ଗିଡିଆ, ଟାଙ୍ଗିରିଆ, ଟାଙ୍ଗରାଶୁଣୀ, ବାରୁଣୀ, ଜୟବନ୍ଧ ଏବଂ ଟୁଙ୍କିକୁ ମିଶାଇ ଏକ ପର୍ଯ୍ୟଟନ ବଳୟ ସୃଷ୍ଟି କରିବା, ଉଦଳା ଏନଏସିକୁ ୫୦ ବର୍ଷ ପୂର୍ତ୍ତି ହୋଇଥିଲେ ବି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ତେଣୁ ଉଦଳାକୁ ପୌର ପରିଷଦ ମାନ୍ୟତା ଘୋଷଣା କରାଯାଉ ଓ ଏଥିସହିତ କପ୍ତିପଦାକୁ ଏନଏସି ଓ ଶରତକୁ ବ୍ଲକ ଘୋଷଣା, ଉଦଳାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା, ଉଦଳା ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମହାବିଦ୍ୟାଳୟ ମାନ୍ୟତା, ଉଦଳାରେ ଏକ ଆୟୁର୍ବେଦିକ ବିଶ୍ୱବିଦ୍ୟାଳୟ ଏବଂ ଅନୁସନ୍ଧାନ କେନ୍ଦ୍ର ପ୍ରତିଷ୍ଠା ଓ କ୍ରୀଡାର ଭିତ୍ତିଭୂମି ସୁଦୃଢ କରିବା ନିମନ୍ତେ ଉଦଳାରେ ଏକ ଜାତୀୟ ସ୍ତରୀୟ ଷ୍ଟାଡିୟମ ପ୍ରତିଷ୍ଠା ସହିତ କ୍ରୀଡା ଛାତ୍ରାବାସ ନିର୍ମାଣ ଆଦି ଦାବି ଉଲ୍ଲେଖ ରହିଛି। ଦାବି ଗୁଡ଼ିକ ସମାଧାନ ନ କଲେ ଆଗାମୀ ଦିନରେ ଭଞ୍ଜସେନା କର୍ମୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ଦେବା ସମୟରେ ଉପଖଣ୍ଡ ସଭାପତି ରବିନ ମହାନ୍ତି, ପିଣ୍ଟୁ ମାଇତି, ରାକେଶ ବେହେରା ବାଜୁନ ହଂସଦା, ଜ୍ୟୋତି ରଞ୍ଜନ ପୃଷ୍ଟି, ଦୀପକ ସୋ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରଛାତ୍ରୀଙ୍କୁ ମାଗଣାରେ ଚାରା ବଣ୍ଟନ

ମହୁଲଡିହା, ୧୫।୨(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମୁଖି ନର୍ସରୀ ତରଫରୁ ଫଳ ଚାରା ବଣ୍ଟନ କରାଯାଇଛି। ବିଦ୍ୟାଳୟରେ ପଢୁଥିବା ୩୧୦ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଲେଖାଏଁ ଫଳ ଚାରା ବିନାମୂଲ୍ୟରେ ଦେଇ ଗଛର ଯତ୍ନ ନେବାପାଇଁ କହିଥିଲେ। ପାଟରଙ୍ଗ ନୂଆସାହିର ସନାତନ ବେହେରା ନିଜ ଉଦ୍ୟମରେ ଘର ସମ୍ମୁଖରେ ଏକ ଚାରା ନର୍ସରୀ କରି 'ମୁଖି ନର୍ସରୀ' ନାମ ରଖିଛନ୍ତି। ନର୍ସରୀ ମାଲିକ ସନାତନ ପୂର୍ବରୁ ପ୍ରଧାନ ଶିକ୍ଷକଙ୍କ ସହିତ ଯୋଗାଯୋଗ କରି ମାଗଣାରେ ଚାରା ଗଛ ଯୋଗାଇ ଦେଉଛନ୍ତି। ଆଜି ଏହି ମାଗଣା ଚାରା ବଣ୍ଟନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପାତ୍ର ଓ ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଚାରା ଗଛଟିଏ ଧରି ବାଡି ବଗିଚାରେ ଲଗାଇବା ପାଇଁ ପିଲାମାନେ ନେଇଛନ୍ତି।

## ଡାକ୍ତରଖାନା ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର କାର୍ଯ୍ୟକାରୀ ଦାବି

କରଞ୍ଜିଆ, ୧୫।୨(ସମିସ): କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନା ପ୍ରବେଶ ଏବଂ ପ୍ରସ୍ଥାନ ଦ୍ୱାରକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି ହେଉଛି। ଏହି ଡାକ୍ତରଖାନାକୁ ଦୈନିକ ଶହ ଶହ ଲୋକ ଆସିଥାନ୍ତି। ଡାକ୍ତରଖାନାର ମୁଖ୍ୟ ପ୍ରବେଶ ଫାଟକକୁ ଯିବା ଆସିବା ପାଇଁ ବ୍ୟବହାର କରାଯାଉଥିବାରୁ ସର୍ବଦା ଭିଡ ଲାଗିରହୁଛି। ମୁଖ୍ୟ ରାସ୍ତାରୁ ଡାକ୍ତରଖାନା ଯିବା ଓ ସେଠାରୁ ବାହାରିବା ପାଇଁ ମୁଖ୍ୟ ରାସ୍ତାଟି ବିପଦପୂର୍ଣ୍ଣ ଭାବେ ରହିଛି। ଏହାଛଡା ମୁଖ୍ୟ ଫାଟକ ପାଖରେ ସବୁବେଳେ ଅଟୋ ରହୁଥିବାରୁ ଜାମ ରହୁଛି। ଏଣୁ ଡାକ୍ତରଖାନାକୁ ଯିବା ପାଇଁ ମୁଖ୍ୟ ଫାଟକ ଓ ବାହାରିବା ପାଇଁ ପ୍ରସ୍ଥାନ ଫାଟକ ବ୍ୟବହାର କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

## ସରସ୍ୱତୀ ଶିଶୁମନ୍ଦିରରେ ମାତୃପିତୃ ପୂଜନ ଦିବସ

ବେତନଟୀ, ୧୫।୨(ସମିସ): ବେତନଟୀ ଉପକଣ୍ଠ ଦେବବିହାରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପ୍ରାଙ୍ଗଣରେ ୧୪ତାରିଖରେ ମାତୃପିତୃ ପୂଜନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଧାନଗୁରୁଜୀ ଲକ୍ଷ୍ମୀଧର ବାରିକଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମାତାପିତା ଓ ଛାତ୍ରଛାତ୍ରୀଙ୍କୁ ନେଇ ଏହିକାର୍ଯ୍ୟକ୍ରମରଆୟୋଜନହୋଇଥିଲା।ଜୀବନରପ୍ରଥମଗୁରୁଚଳନ୍ତିଭଗବାନସଦୃଶମାତାପିତାଙ୍କୁ ଛାତ୍ରଛାତ୍ରୀ ଫୁଲଚନ୍ଦନ ଦେଇ ବନ୍ଦାପନା ପୂର୍ବକ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ।

## ବୃଦ୍ଧ ଦୁମାଙ୍କୁ 'ଆବାସ' ଘର ମିଳିବ କେବେ

କପ୍ତିପଦା, ୧୫।୨(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ବଡଖଲାଡି ପଞ୍ଚାୟତର ଜୟଘୁଣ୍ଟିଆ ଆଦିବାସୀ ଗ୍ରାମରେ ବାସ କରନ୍ତି ୮୫ ବର୍ଷୀୟ ବୃଦ୍ଧ ଦୁମା ମାଝୀ। ତାଙ୍କୁ ଗାଁର ମୁଖିଆ ଭାବେ ସମସ୍ତେ ମାନନ୍ତି; କିନ୍ତୁ ତାଙ୍କର ପକ୍କା ଘର ନାହିଁ। ଫଳରେ ସେ ଏକ ଭଙ୍ଗାଦଦରା ଘରେ ଜୀବନ ବିତାଉଛନ୍ତି। ସରକାରୀ ଆବାସ ନିମନ୍ତେ ସେ ପ୍ରତିବର୍ଷ ପ୍ରଶାସନକୁ ଦରଖାସ୍ତ ଦେଉଛନ୍ତି; ତଥାପି ତାଙ୍କୁ ଏ ଯାଏ ମିଳିନାହିଁ। ଆବାସ ଘର ଧନୀବାଲା ପାଉଥିବାବେଳେ ମୁଁ



ଗରିବ ହୋଇଥିବାରୁ ଆମ କଥା କିଏ ବୁଝୁଛି ବୋଲି ଦୁଃଖ ଭରା କଣ୍ଠରେ ଦୁମା କହିଛନ୍ତି। ଏ ସମ୍ପର୍କରେ ୱାର୍ଡ ମେମ୍ବର ପ୍ରମୋଦ ମାଝୀ କହନ୍ତି ମୁଁ ସବୁବେଳେ ଜଣାଉଛି। ପାଳି ପଡ଼ିଲେ ହେବ। ତେବେ କାହାର ଘର ଥାଇ ଘର ମିଳୁଛି ତ ପୁଣି କାହାକୁ ମଥା ଗୁଞ୍ଜିବାକୁ ଘରଟିଏ ନାହିଁ। ଏପରିକି ଗୋଟିଏ ଗୋଟିଏ ପରିବାର ବାପ-ପୁଅ ମଧ୍ୟ ସରକାରୀ ଆବାସ ଘର ହାତେଇଛନ୍ତି। ଶ୍ରୀ ମାଝୀଙ୍କୁ ଯଥା ଶୀଘ୍ର କିପରି ଆବାସ ଘର ମିଳିବ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାରିପଦା, ୧୫।୨(ସମିସ): ବାରିପଦା ପୌର ପରିଷଦର ୨୭ନଂ. ୱାର୍ଡ ତୁଳସୀଚୌରା କଲୋନୀସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ସ୍ୱୟଂସିଦ୍ଧା' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ



ମହାନ୍ତି, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଶିଷ୍ଟ ଅତିଥି ଭାବେ କବି ବିଷ୍ଣୁ ଶତପଥୀ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ଡଃ ସ୍ନେହଲତା ବେହେରା ଓ ବ୍ରଜମୋହନ ମୁର୍ମୁ, ୨୩ ନଂ. ୱାର୍ଡ କାଉନସିଲର ଅନନ୍ତ କୁମାର ଦାସ, ୨୭ ନଂ ୱାର୍ଡ କାଉନସିଲର ଶିବଶଙ୍କର ପାତ୍ର, ସିଆରସିସି ଭବାନୀ କୁମାର ସିଂହ, ପଞ୍ଚସଖା ଶିକ୍ଷାସେତୁର ଚେୟାରମ୍ୟାନ ଜ୍ୟୋତି ପ୍ରକାଶ ବାରିକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୀତାଞ୍ଜଳି ଦାସ ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋମନାଥ ସିଂହ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ଜିଲ୍ଲା ସଭାପତି ହରେକୃଷ୍ଣ ବାରିକ, ଜିଲ୍ଲା ସଂଗଠକ ସମ୍ପାଦକ ଗଦାଧର ନାୟକ ଓ ସିଦ୍ଧେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପେଭର ବ୍ଲକ ରାସ୍ତା, ଅତିରିକ୍ତ ଶ୍ରେଣୀ ଗୃହ ଓ ବହୁବିଧ ମଞ୍ଚ ଉଦଘାଟିତ ହୋଇଥିଲା। ଏହି ଅବସରରେ ଶ୍ରେଷ୍ଠ ମାତା ଭାବେ ଅନ୍ନପୂର୍ଣ୍ଣା ପାତ୍ର, ଶ୍ରେଷ୍ଠ ଛାତ୍ରୀ ଭାବେ ଶ୍ରାବଣୀ ଜେନା, ଶ୍ରେଷ୍ଠ ନେତୃତ୍ୱ ନେଇଥିବା ଛାତ୍ର ଚିନ୍ମୟ ଥୟାଲ, ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ରୀ ଭାବେ ଅଙ୍କିତା ନାୟକ ଓ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଗୀତାଞ୍ଜଳି ବାରିକଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା।

**ବଡ଼ଡାଲିମା :** ତିରିଙ୍ଗ ବ୍ଲକ ଅନ୍ତର୍ଗତ ରତନସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଜୀବ ରଞ୍ଜନ ମିଶ୍ରଙ୍କ



ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଇଓ ଯଜ୍ଞେଶ୍ୱର ଜେନା, ସମ୍ମାନିତ ଅତିଥି ଭାବେ ଏବିଓ ଶୁଭେନ୍ଦୁ ତ୍ରିପାଠୀ, ଏବିଓ ହେମନ୍ତ କୁମାର ମହାନ୍ତି, ଶିକ୍ଷକ ରବୀନ୍ଦ୍ର ଧୁଙ୍ଗିଆ, ଲେଖକ ସୁବ୍ରତ କୁମାର ସାହୁ, ସିଆରସିସି ଅଜିତ ପାହାଡି, ଏସଏମସି ସଦସ୍ୟ ବୈଦ୍ୟନାଥ ସାହୁ, ୱାର୍ଡମେମ୍ବର ଶମ୍ଭୁ ସି ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

**ସାରସକଣା :** ସାରସକଣା ବ୍ଲକ ମାଟିଆବେଡ଼ା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପ୍ରତିହାରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ



ଗୁରୁଚରଣ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରିୟପଦ ନାଏକ, ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାରୀ ସେଠୀ ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ଅଧିକାରୀ କାଦାୟ ଟୁଡୁ, ତୋଟାପଡ଼ା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡା, ଦେବଳା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ କୁମାର ଦଣ୍ଡପାଟ, ବାସିପିଠା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପ୍ତିକାନ୍ତ ଜେନା, ବାଗୁଲୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ, ଗୋବିନ୍ଦପୁର ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୀଚକେଶ୍ୱରୀ ବେହେରା, ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ମୟୂରଭଞ୍ଜ ଶାଖାର କୋଷାଧ୍ୟକ୍ଷ ପଦ୍ମଲୋଚନ ଆଚାର୍ଯ୍ୟ ଓ ମହିଳା ପ୍ରତିନିଧି ଲକ୍ଷ୍ମୀପ୍ରିୟା ସାସମଲ, ଧାଙ୍ଗୁଡ଼ିଶୋଳ ସରପଞ୍ଚ ଲକ୍ଷେଶ୍ୱର ନାଏକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୁରୁଚରଣ ସିଂ ଯୋଗଦେଇ ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବା ଉଚିତ ବୋଲି କହିଥିଲେ। ଶିକ୍ଷକ ଦେବପ୍ରସନ୍ନ ଶେଜପଡ଼ା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ବାରିପଦା :** କେନ୍ଦୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅରବିନ୍ଦ ମାଝୀ, ପଞ୍ଚସଖା ଶିକ୍ଷା ସେତୁ ଅଭିଯାନ ମୁଖ୍ୟ ଆଖାନ୍ ମାଝୀ, କେନ୍ଦୁଆ ସରପଞ୍ଚ ମଲ୍ଲୀମଣି ମାଝୀଙ୍କ ତତ୍ତ୍ୱାବଧାନରେ ଅୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷକ ତରୁଲତା ହରିଭକ୍ତ



ବେହେରାଙ୍କ ଉଦ୍ୟମରେ ବିଦ୍ୟାଳୟରେ ଗଣେଶ ଓ ମା' ସରସ୍ୱତୀଙ୍କ ମୂର୍ତ୍ତି ପ୍ରତିଷ୍ଠା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂ, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନଳିନୀ ଚୌଧୁରୀ ଓ ସମ୍ମାନିତ ଅତିଥି ଭାବେ ଶାମାଖୁଣ୍ଟା ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କର, ଶାମାଖୁଣ୍ଟା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସମରଜିତ ପଟ୍ଟନାୟକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ରାଣୀ ଦାସ ଓ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଚରିତ୍ର ଗଠନ କରିବା ସହ ବିଦ୍ୟା ଅଧ୍ୟୟନ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ମନୋଜ କୁମାର ଜେନା ଅତିଥି ପରିଚୟ ଓ ଶିକ୍ଷକ ରୋହିଦାସ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।

**ବାରିପଦା :** ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ଛାତ୍ରସଂସଦ ଓ ନାଟ୍ୟସଂସଦର ମିଳିତ ଆନୁକୂଲ୍ୟରେ ୪୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡଃ ସାଗରିକା ସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅଧ୍ୟାପିକା ରୋଜି କାନୁନଗୋ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାସନିକ



ଅଧିକାରୀ ଡଃ ଚନ୍ଦ୍ରକାନ୍ତ ଦାସ ଅତିଥି ପରିଚୟ ଓ ନାଟ୍ୟ ସଂସଦର ଉପସଭାପତି ଡଃ ସ୍ୱାଗତିକା ମିଶ୍ର ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟପରିଚାଳନାପରିଷଦରସଭାପତି ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶ୍ରା ନିଜ ଜୀବନର ଉଦାହରଣ ଦେଇ ଛାତ୍ରୀମାନଙ୍କୁ ଶିକ୍ଷା ମାଧ୍ୟମରେ ନିଜର ଭବିଷ୍ୟତକୁ ଉନ୍ନତି ପଥରେ ଅଗ୍ରସର କରିବାକୁ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଭାବରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡଃ ସୁବ୍ରତ କୁମାର ରଣା ଯୋଗଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡଃ ଦେବପ୍ରିୟା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ମହାବିଦ୍ୟାଳୟର ବାର୍ଷିକ ପତ୍ରିକା ନିର୍ଝରିଣୀ ଉନ୍ମୋଚିତ ହୋଇଥିଲା। ପରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ସାନକେରକ:** ପ୍ରତାପପୁର ଗ୍ରାମର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନବମ ବାର୍ଷିକ ଉତ୍ସବ ସଭାପତି ପରୀକ୍ଷିତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ହରିଶଙ୍କର ଦାଶ ମୁଖ୍ୟଅତିଥି, ଅଧ୍ୟାପକ ସମରେନ୍ଦ୍ର ବଶା ମୁଖ୍ୟବକ୍ତା, ଭଦ୍ରକ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ସଞ୍ଜୀବ ମଣ୍ଡଳ, ସିଆରସିସି ସଞ୍ଜୀବ ସାହୁ, ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ବଗାଳ



ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଗୁରୁମା କାଞ୍ଚନ ପ୍ରଭା ଗିରି ବାର୍ଷିକ ବିବରଣୀ ପାଠ କରିଥିଲେ। ମ୍ପାଦକ ଦିଲ୍ଲୀପ କୁମାର ଗିରି ଅତିଥି ପରିଚୟ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଗୁରୁମା ପ୍ରିୟଦର୍ଶିନୀ କାଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

**ବେତନଟୀ:** ବେତନଟୀ ବ୍ଲକ ଧନପୁର କସ୍ତୁରବା ବାଳିକା ବିଦ୍ୟାଳୟ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଜାଗୃତି-୨୦୨୫' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଇଓ ଗୋପାଳ ଚନ୍ଦ୍ର ସେନାପତି ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କାନନବାଳା କର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ରୂପେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକାରିଣୀ ସବିତା ମାଝୀ ଓ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ଓ ସମ୍ମାନିତ ଅତିଥିଭାବେ ବିଇଓ ବିପ୍ଳବ କର, ଏବିଓ ଅପର୍ଣ୍ଣା ସାହୁ, ପ୍ରାକ୍ତନ ବିଆରସିସି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନର ଆଦିବାସୀ ସଂଯୋଜକ ସପନ କୁମାର ପୃଷ୍ଟି, ସ୍ଥାନୀୟ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ହାଁସଦା ଓ ପ୍ରଧାନଶିକ୍ଷୟିତ୍ରୀ ସବିତା ମହାନ୍ତି ପ୍ରାକ୍ତନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭବାନୀଶଙ୍କର ମହାନ୍ତ ପ୍ରମୁଖ ଦେଶ ଗଠନରେ ଛାତ୍ରଛାତ୍ରୀଙ୍କ ପ୍ରମୁଖ ଭୂମିକା ରହିଥିବା ନେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ଓ ଶିକ୍ଷୟିତ୍ରୀ କିରଣବାଳା ନାୟକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ଅଗ୍ରଗତି ସମ୍ବନ୍ଧିତ ଉପଦେଶ ରଖିଥିଲେ। ଅବସରପ୍ରାପ୍ତ ଏବିଇଓ ରମାକାନ୍ତ ମହାନ୍ତଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା।



